### ୮ମ ଦିନରେ ଆଙ୍କୁଶପୁର ଆୟୁର୍ବେଦ ମହାବିଦ୍ୟାଳୟ ଛାତ୍ର ଆନ୍ଦୋଳନ

# ପ୍ରବଳ ବର୍ଷା ସତ୍ତ୍ୱେ ଆନ୍ଦୋଳନ ଜାରି ରଖିଲେ ଛାତ୍ରଛାତ୍ରୀ

କୁକୁଡାଖଣ୍ଡି, ୯ ।୬(ସମିସ)



- ‘ଅନଶନ’ର ରୂପ ନେଲା ‘ଗଣଧାରଣା’
- ଚିଠି ଲେଖି ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଛାତ୍ରଛାତ୍ରୀ

ଛାତ୍ରଛାତ୍ରୀଙ୍କ ପ୍ରତି ଆକ୍ରୋଶମୂଳକ ବ୍ୟବହାର, ମାନସିକ ନିର୍ଯାତନା ଦେବା ଓ ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ବାତାବରଣ ପ୍ରତିଷ୍ଠା ଭଳି ଅଭିଯୋଗ କରି ଆଙ୍କୁଶପୁର ଆୟୁର୍ବେଦ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସମେତ ୩ଜଣଙ୍କୁ ତୁରନ୍ତ ବଦଳି ଦାବିରେ ଅଟଳ ରହିଛନ୍ତି ଆନ୍ଦୋଳନକାରୀ ଛାତ୍ରଛାତ୍ରୀ। ଗତ ୩ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ୮ମ ଦିବସରେ ପହଞ୍ଚିଥିବା ବେଳେ ଛାତ୍ରଛାତ୍ରୀଙ୍କ ଦାବି ପୂରଣ ଦିଗରେ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ପିଲାଙ୍କ ଅଭିଯୋଗର ତଦନ୍ତ ପାଇଁ ଦୁଇ ଦୁଇଟି କମିଟି ତଦନ୍ତ କରି ଫେରିଥିଲେ ହେଁ ରିପୋର୍ଟକୁ ସାର୍ବଜନୀନ କରାଯାଉନାହିଁ କିମ୍ବା କାହା ବିରୁଦ୍ଧରେ କୌଣସି ପ୍ରକାରର କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇନାହିଁ। ଫଳରେ ମହାବିଦ୍ୟାଳୟ କ୍ୟାମ୍ପସରେ ଛାତ୍ରଛାତ୍ରୀମାନେ ନିଜକୁ ତଥା ସେମାନଙ୍କ ଭବିଷ୍ୟତକୁ ନେଇ ଅସୁରକ୍ଷିତ ମଣୁଛନ୍ତି। ଏଭଳି ସ୍ଥିତିରେ ଛାତ୍ରଛାତ୍ରୀମାନେ ପୂର୍ବରୁ ଶାନ୍ତିପୂର୍ଣ୍ଣ ଭାବେ ଗଣଧାରଣା ଦେଇ ଆସୁଥିବା ବେଳେ ସୋମବାର ଠାରୁ ସାମୂହିକ ଅନଶନ ଆରମ୍ଭ କରିଛନ୍ତି। ଏପରିକି ଘଟଣାରେ ଖୋଦ୍ ମୁଖ୍ୟମନ୍ତ୍ରୀ ନିଜେ ହସ୍ତକ୍ଷେପ କରନ୍ତୁ ବୋଲି ଦାବି କରି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିବା ଆନ୍ଦୋଳନକାରୀ ଛାତ୍ରଛାତ୍ରୀ ଜଣାଇଛନ୍ତି। ପୂର୍ବରୁ ଛାତ୍ରଛାତ୍ରୀଙ୍କ ଏହି ଦାବି ଓ ଆନ୍ଦୋଳନ ଯଥାର୍ଥ ଦର୍ଶାଇ ରାଜ୍ୟର ୬ଟି ଆୟୁଷ ମହାବିଦ୍ୟାଳୟ ସମେତ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଭଳି ଛାତ୍ର ସଙ୍ଗଠନ ମଧ୍ୟ ସମର୍ଥନ ଜଣାଇ ସାରିଛନ୍ତି। ସୋମବାର ଅପରାହ୍ନରେ ପ୍ରବଳ ଘଡଘଡି ସହ ପ୍ରବଳ ବର୍ଷା ହୋଇଥିବା ସତ୍ତ୍ୱେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀମାନେ ଅନଶନରେ ବସି ରହିଥିବା ଦେଖିବାକୁ ମିଳିଥିଲା। ଗଞ୍ଜାମ ଏଡିଏମ୍ ଓ କୁକୁଡ଼ାଖଣ୍ଡି ତହସିଲଦାର ଯାଇ ପିଲାମାନଙ୍କୁ ବୁଝାସୁଝା କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ।

## ସିପିଆଇର ଜୋନ୍‌ସ୍ତରୀୟ ବୈଠକ




ପୁରୁଷୋତ୍ତମପୁର, ୯ ।୬(ସମିସ): ପୁରୁଷୋତ୍ତମପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବ୍ଲକ ସମ୍ପାଦକ ସତ୍ୟନାରାୟଣ ମହାପାତ୍ରଙ୍କ ସଂଯୋଜନାରେ ଜୋନସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଲାଲ ପତାକା ଉତ୍ତୋଳନ କରିଥିଲେ। ତାପରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଛତ୍ରପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଏନ୍ ନାରାୟଣ ରେଡ୍ଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅଖିଳ ଭାରତ ମଜଦୁର ସଂଘର ରାଜ୍ୟ ଯୁବ ସମ୍ପାଦକ ପ୍ରଦୀପ ସେଠୀ, ଏଆଇଏସ୍‌ଏଫ୍ ରାଜ୍ୟ ସମ୍ପାଦକ କାମଦେବ ନାହାକ, ରାଜ୍ୟ ସହସମ୍ପାଦକ ପ୍ରକାଶ ପାତ୍ର, ଅଖିଳ ଭାରତ ଉତ୍କଳ ମହିଳା ସଂଘର ସମ୍ପାଦିକା ଭାନୁମତି ରେଡ୍ଡି, ଅଖିଳ ଭାରତ ମଜଦୁର ସଂଘର ପୁରୁଷୋତ୍ତମପୁର ବ୍ଲକ ସମ୍ପାଦକ ପ୍ରକାଶ ଚନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ପୁରୁଷୋତ୍ତମପୁର ଅଞ୍ଚଳର ଜଣାଶୁଣା ସ୍ୱର୍ଗତ ତ୍ରିନାଥ ମହାରଣାଙ୍କ ଉଦ୍ଦେଶ୍ୟରେ ଶୋକସଭା ଏବଂ ନୀରବ ପାର୍ଥନା କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପୁରୁଷୋତ୍ତମପୁର ବ୍ଲକରେ ୫୦୦ ଜଣ ସଭ୍ୟ ସଗ୍ରହ କରିବା ପାଇଁ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତରୁ ବହୁ କର୍ମୀ ଯୋଗଦେଇ ଥିଲେ।

### ● ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ଆକ୍ରମଣ

## ଥାନାର ଦ୍ୱାରସ୍ଥ ହେଲା ୧୦୮ କର୍ମଚାରୀ ସଂଘ



ଖଲ୍ଲିକୋଟ, ୯ ।୬(ସମିସ): ବିଳମ୍ବରେ ପହଞ୍ଚିବା ଅଭିଯୋଗ କରି ୧୦୮ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ୨ ଜଣ ଯୁବକ ଆକ୍ରମଣ କରିଥିବା ନେଇ ଖଲ୍ଲିକୋଟ ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣ କରିବା ସହ ୧୦୮ ଗାଡ଼ିର ଚାବି ନେଇ ଦୁଇ ଯୁବକ ଫିଙ୍ଗି ଦେଇଥିବା ମଧ୍ୟ ଅଭିଯୋଗ ହୋଇଛି। ଖଲ୍ଲିକୋଟ ଥାନାରେ ହୋଇଥିବା ଅଭିଯୋଗରୁ ଜଣାପଡ଼ିଛି ଯେ, ରବିବାର ବିଳମ୍ବିତ ରାତିରେ ଖଲ୍ଲିକୋଟରୁ ବ୍ରହ୍ମପୁର ରୋଗୀ ନେଇ ଯାଇଥିଲେ ୧୦୮ ଆମ୍ବୁଲାନ୍ସର ଡ୍ରାଇଭର ସୂର୍ଯ୍ୟାଂଶୁ ବେହେରା। ସେ ଫେରିବା ବେଳେ ଛତ୍ରପୁର ନିକଟରେ ହୋଇଥିବାବେଳେ ଆଉ ଏକ ରୋଗୀକୁ ଖଲ୍ଲିକୋଟ ମେଡିକାଲରୁ ବ୍ରହ୍ମପୁର ନେବା ପାଇଁ ଫୋନ ଆସିଥିଲା। ଛତ୍ରପୁର ହୋଇଛି ଖଲ୍ଲିକୋଟରେ ପହଞ୍ଚିବା ପାଇଁ କିଛି ସମୟ ଲାଗିବ, ଅପେକ୍ଷା କରନ୍ତୁ ବୋଲି ଡ୍ରାଇଭର ସୂର୍ଯ୍ୟାଂଶୁ କହିଥିଲେ। ତାପରେ କିଛି ସମୟ ମଧ୍ୟରେ ସେ ଖଲ୍ଲିକୋଟ ମେଡିକାଲରେ ପହଞ୍ଚି ଥିଲେ। ତେବେ ଏତେ ସମୟ କାହିଁକି ଲାଗିଲା ବୋଲି କହି ଦୁଇ ଜଣ ଯୁବକ ଗାଡ଼ିରୁ ଭିଡ଼ି ନେଇ ତାଙ୍କୁ ମାଡ଼ ମାରିଥିଲେ। ଏହା ସହ ଗାଡ଼ିରେ ଗୁରୁତର ରୋଗୀ ରହିଥିବା ବେଳେ ଗାଡ଼ିରୁ ଚାବି ନେଇ ଅନ୍ୟତ୍ର ଫିଙ୍ଗି ଦେଇଥିଲେ। ସୋମବାର ଖଲ୍ଲିକୋଟରେ କାର୍ଯ୍ୟରତ ଥିବା ୧୦୮ ଆମ୍ବୁଲାନ୍ସ ସଂଘ କର୍ମଚାରୀମାନେ ଖଲ୍ଲିକୋଟ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ତେବେ ଥାନାରେ ଏତଲା ନ ଦେବାକୁ ମଧ୍ୟ ଆକ୍ରମଣ କରିଥିବା ଯୁବକ ମାନେ ଧମକ ଦେଇଥିବା ୧୦୮ କର୍ମଚାରୀ କହିଛନ୍ତି।

## ରଷିକୁଲ୍ୟା ନଦୀ ସୁରକ୍ଷା ଲାଗି ବିଶାଳ ଗଣବିକ୍ଷୋଭ




ଭଞ୍ଜନଗର, ୯ ।୬(ସମିସ): ଅଲ୍ ଇଣ୍ଡିଆ କ୍ଷେତ ମଜଦୂର କିଷାନ ସଭା ଗଞ୍ଜାମ ଜିଲ୍ଲା ଆବାହକ ନିରାକାର ନାୟକଙ୍କ ଆହ୍ୱାନରେ ସହିଦ ବିର୍ସା ମୁଣ୍ଡାଙ୍କ ବଳିଦାନ ଦିବସରେ ଭଞ୍ଜନଗରରେ ଏକ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଲୋକଙ୍କ ଜୀବନ ଜୀବିକାକୁ ମାରି ତଥା ପ୍ରକୃତି ପରିବେଶକୁ ଧ୍ୱଂସ କରି ପ୍ରସ୍ତାବିତ ଜନ ବିରୋଧୀ ନିଷ୍ପତ୍ତି ଗୁଡିକୁ ବାତିଲ କରିବା, ଭୂମିହୀନ ଦଳିତ ଓ ଆଦିବାସୀଙ୍କୁ ଭୂମି ଓ ଜଙ୍ଗଲ ଅଧିକାର ଦେବା, ଓଡ଼ିଶାରେ ଯେଉଁ ମାତ୍ରାରେ ଜମି, ଜଳ, ଜଙ୍ଗଲ, ଖଣି ତଥା ସମସ୍ତ ପ୍ରାକୃତିକ ସମ୍ପଦର ବିକ୍ରି ତଥା ଘରୋଇକରଣ ଚାଲିଛି ଆଉ ଅଳ୍ପ କିଛି ବର୍ଷରେ ଓଡ଼ିଶା ଶ୍ରୀହୀନ ହୋଇପଡ଼ିବ। ସରକାର ଏକ ପାଖିଆ ଭାବେ ଜନଗଣଙ୍କ ନିଷ୍ପତ୍ତି ବିନା ଏହି ପ୍ରାକୃତିକ ସମ୍ପଦକୁ କର୍ପୋରେଟ କମ୍ପାନୀ ହାତକୁ ହସ୍ତାନ୍ତର କରିଚାଲିଛନ୍ତି। ଟାଟା, ଅଦାନୀ ଭଳି କମ୍ପାନୀ ମାନଙ୍କୁ ଋଷିକୂଲ୍ୟା ନଦୀର ପାଣି ଦେବା ଉଦ୍ଦେଶ୍ୟରେ ସୋରଡ଼ାର ପିପଲପଙ୍କା ଠାରେ ଯେଉଁ ଡ୍ୟାମ କରିବାକୁ ପ୍ରସ୍ତୁତି ଚାଲିଛି ତାହାଦ୍ୱାରା ସୋରଡ଼ା, ଆସିକା, ହିଞ୍ଜିଳି, ବ୍ରହ୍ମପୁର, ଛତ୍ରପୁର, ଗୋପାଳପୁର, ଗୋଳାବନ୍ଧ, ଭଞ୍ଜବିହାର, ଛତ୍ରପୁର, ଗଞ୍ଜା, ହୁମ୍ମା ଆଦି ବୃହତ୍ତ ଅଞ୍ଚଳରେ ଲୋକଙ୍କ ଚାଷ ବାସ, ଗୃହପାଳିତ ପଶୁ ପାଳନ, ପାନୀୟ ଜଳ ପାଇବା ଆଦି ପ୍ରଭାବିତ ହେବା ସହ ଜଙ୍ଗଲ, ବଣ୍ୟ ଜନ୍ତୁ ତଥା ଜଙ୍ଗଲରେ ବାସ କରୁଥିବା ଆଦିବାସୀଙ୍କ ଜୀବନ ଦୁର୍ବିସହ ହୋଇପଡ଼ିବ। ଏଣୁ ଏହି ଜନବିରୋଧୀ ଡ୍ୟାମକୁ ବାତିଲ କରିବା ସହ ଗଞ୍ଜାମ ଜିଲ୍ଲାର ଜଗନ୍ନାଥପ୍ରସାଦ ବ୍ଲକରେ ଗୋଳାବାରୁଦ କାରଖାନା ନିର୍ମାଣ ପାଇଁ ପ୍ରସ୍ତାବ ନିଶ୍ଚିତ ଭାବେ ଲୋକଙ୍କ ଜମି, ଜଳ, ଜଙ୍ଗଲକୁ ଲୁଟ କରି ତାଙ୍କୁ ଏକ ବିଷାକ୍ତ ପରିବେଶ ମଧ୍ୟକୁ ଠେଲି ଦିଆଯିବ। ଏହି ଜନବିରୋଧୀ ପ୍ରସ୍ତାବକୁ ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ବରିଷ୍ଠ ଆଇନଜୀବୀ ସୋମନାଥ ନାୟକ, ମାନବାଧିକାର ସୁରକ୍ଷା ମଞ୍ଚର ଆବାହକ ତଥା ଆଇନଜୀବୀ ଅବନୀ କୁମାର ଗୟା, ସଭାପତି ଗଗନ ଚନ୍ଦ୍ର ମଲିକ, ସମାଜସେବୀ ପିତାମ୍ବର ପରିଡ଼ା ଏଆଇକେଏମକେଏସର ସଞ୍ଜୟ ନାୟକ, ନିରଞ୍ଜନ ପ୍ରଧାନ, ମିନାକ୍ଷୀ ମାଳି, ଶିବରାମ ନାଇକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିକ୍ଷୋଭରେ ଶହ ଶହ ସଂଖ୍ୟାରେ ସଂଗ୍ରାମୀ ସାଥି ମାନେ ଯୋଗଦେଇ ସଂଗ୍ରାମୀ ଯୋଗ ଦେଇ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ମହିଳାଙ୍କ ଗଳିତ ଶବ ଉଦ୍ଧାର

ରଙ୍ଗେଇଲୁଣ୍ଡା, ୯ ।୬(ସମିସ): ନିଖୋଜ ହେବାର ୨ ଦିନ ପରେ ଜଣେ ବିବାହିତା ମହିଳାଙ୍କ ଗଳିତ ମୃତଦେହ ଝିଙ୍କିପଦର କାଜୁ ତୋଟାରୁ ଝୁଲନ୍ତା ଅବସ୍ଥାରେ ପୁଲିସ ଉଦ୍ଧାର କରିଛି। ମୃତ ମହିଳା ହେଲେ କିଶୋରଚନ୍ଦ୍ରପୁରର ସରସ୍ୱତୀ ପ୍ରଧାନ (୨୮)। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗତ ୭ ତାରିଖରେ ସରସ୍ୱତୀ ଛତୁ ଫାର୍ମରେ କାମ କରିବାକୁ ଗାଁ ନିକଟ ରାଧାମୋହନପୁରକୁ ଯାଇ ଆଉ ଘରକୁ ଫେରି ନଥିଲେ। ସନ୍ଧ୍ୟାରେ ପରିବାରବର୍ଗ ବହୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ପତ୍ତା ପାଇ ନଥିଲେ। ଏନେଇ ରବିବାର ଗୋଳନ୍ଥରାରେ ସରସ୍ୱତୀଙ୍କ ଭାଇ ସନିଆ ପ୍ରଧାନ ଲିଖିତ ଅଭିଯୋଗ କରିଥିଲେ। ସୋମବାର ସକାଳେ କିଛି ଲୋକ ଝିଙ୍କିପଦର କାଜୁତୋଟାରେ ସରସ୍ୱତୀଙ୍କ ଝୁଲନ୍ତା ମୃତଦେହ ଦେଖି ଗୋଳନ୍ଥରା ଥାନାକୁ ଜଣାଇଥିଲେ। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ମୃତ ସରସ୍ୱତୀ ସାମାନ୍ୟ ମସ୍ତିଷ୍କ ବିକୃତ ଥିବା ଶୁଣିବାକୁ ମିଳୁଥିବା ବେଳେ ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ବୋଲି ପୁଲିସ ସନ୍ଦେହ କରୁଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି।

## ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ



ବୁଗୁଡା, ୯ ।୬(ସମିସ): ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସୌଜନ୍ୟରେ ବୁଗୁଡ଼ା ବ୍ଲକ କୃଷି କାର୍ଯ୍ୟାଳୟ ତରଫରୁ ବୁଗୁଡ଼ା ବ୍ଲକ ଅନ୍ତର୍ଗତ ତାକରଡା ପଞ୍ଚାୟତ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ବିକଶିତ କୃଷି ସଂକଳ୍ପ ଅଭିଯାନ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାକରଡା ସରପଞ୍ଚ ଦିଲ୍ଲୀପ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଭାରତୀୟ ଜଳ ଗବେଷଣା ସଂସ୍ଥାର ବୈଜ୍ଞାନିକ ଡଃ ଆଶିଷ ମାଇଥି, ରୋଗ ପୋକ ନିରାକରଣ ବୈଜ୍ଞାନିକ ଡଃ ସନ୍ଦୀପ ମହାନ୍ତି, ପ୍ରାଣୀ ବିଜ୍ଞାନ ବୈଜ୍ଞାନିକ ଡଃ ସିଦ୍ଧାର୍ଥ ରଣବିଜୁଳି, ବିଏଓ ଦିବ୍ୟ ରଞ୍ଜନ ମାଝି, ସହ କୃଷି ଅଧିକାରୀ ହର ପ୍ରିୟା ବେହେରା, ସହ ଉଦ୍ୟାନ କୃଷି ଅଧିକାରୀ ଏମ୍ ଦେବାଶିଷ ଦୋରା, ସହ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ପିଙ୍କି ସାହୁ, ସହକାରୀ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ସଂସ୍କୃତି ପାତ୍ର, ମୃତ୍ତିକା ସଂରକ୍ଷଣ ଓଭରସିୟର ଦେବଦତ୍ତ ଶତପଥୀ ପ୍ରମୁଖ ଉପସ୍ଥିତ ଯୋଗଦେଇ ବିକଶିତ କୃଷି ସଂକଳ୍ପ ଅଭିଯାନର ଉଦ୍ଦେଶ୍ୟ ଓ ଉପାଦେୟତା ସମ୍ପର୍କରେ ମତ ବ୍ୟକ୍ତ କରିବା ସହ ଭାରତ ଓ ଓଡ଼ିଶା ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋଚନା କରି ଏହାର ସଫଳ ରୂପାୟନ କିପରି ହୋଇପାରିବ ସେ ବିଷୟରେ ଚାଷୀଙ୍କୁ ସଚେତନ କରାଇଥିଲେ। ଏଥିରେ ସମିତି ସଭ୍ୟା ଜ୍ୟୋତି ନାୟକ, ଗ୍ରାମ୍ୟ କୃଷି କର୍ମଚାରୀ ଅଶୋକ କୁମାର ସେଠୀ, କୃଷକ ସାଥି ଅରୁଣ କୁମାର ସାହୁ, ସୁବାସ ଚନ୍ଦ୍ର ପ୍ରଧାନ, ଜଗନ୍ନାଥ ପ୍ରଧାନଙ୍କ ସମେତ ବହୁ ସଂଖ୍ୟକ ଚାଷୀ ଉପସ୍ଥିତ ଥିଲେ।

### ● ଦିଗପହଣ୍ଡିରେ ପ୍ରଶାସନର ଜନଶୁଣାଣି

## ବ୍ୟାରେଜ୍ ପ୍ରକଳ୍ପ ଶୀଘ୍ର ସାରିବାକୁ ଦାବି

ଦିଗପହଣ୍ଡି, ୯ ।୬(ସମିସ): ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଗତ ବିଜେଡ଼ି ସରକାରଙ୍କ ସମୟରେ ଚାଷୀଙ୍କ ଜମିକୁ ପର୍ଯ୍ୟାପ୍ତ ପରିମାଣରେ ଜଳସେଚନ ବ୍ୟବସ୍ଥା ପାଇଁ ନିର୍ମାଣ କରାଯାଇଥିବା ଅର୍ଜୁନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏବଂ ଛେଲିଗଡ଼ ସେଚ ଯୋଜନା ଅଧିନସ୍ଥ ରାମନଦୀ ବ୍ୟାରେଜ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବାକୁ ବହୁ ସଂଖ୍ୟକ ଚାଷୀ ଦାବି କରିଥିଲେ। ସେହିପରି ନିମଖଣ୍ଡିପେଣ୍ଠ ପଞ୍ଚାୟତର ପନାଡ ଗ୍ରାମରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଯୋଜନାରେ ପ୍ରସ୍ତାବିତ କୋଠାକୁ ନିମଖଣ୍ଡିପେଣ୍ଠ ଗ୍ରାମରେ ନିର୍ମାଣ କରିବାକୁ ବହୁ ଗ୍ରାମବାସୀ ଦାବି ଜଣାଇଥିଲେ। ବିଡ଼ିଓ ଅନାମିକା ପାଣ୍ଡେଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ସିଡିଓ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁମିତା, ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟି, ବ୍ରହ୍ମପୁର ଏସ.ପି ଡ଼. ସର୍ବଣା ବିବେକ ଏମ ପ୍ରମୁଖ ଉପସ୍ଥିତ ଥିଲେ। ଦିଗପହଣ୍ଡି ବ୍ଲକର ୨୫ଟି ପଞ୍ଚାୟତ ସମେତ ଏନ୍‌ଏସି ଅଞ୍ଚଳରୁ ମୋଟ ୨୧୮ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିରେ ଭତ୍ତା ଆବେଦନ, ସ୍ୱାସ୍ଥ୍ୟ ସମ୍ପର୍କିତ, ବିଭିନ୍ନ ପ୍ରମାଣପତ୍ର, ରାସନ କାର୍ଡ, ଶିକ୍ଷା ସମ୍ବନ୍ଧୀୟ, ଦିବ୍ୟାଙ୍ଗ ଉପକରଣ ସହାୟତା ସମ୍ପର୍କିତ, କୃଷି, ଜମିଜମା, ଗ୍ରାମ୍ୟ ପାନୀୟଜଳ, ଆବାସ ଯୋଜନା ସମ୍ପର୍କିତ ଦରଖାସ୍ତ ରହିଥିଲା। ପରିଶେଷରେ ୩ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକଲ ଓ ୨ ଜଣଙ୍କୁ ହ୍ୱିଲ ଚେୟାର ଏବଂ ଜଣେ ଦିବ୍ୟାଙ୍ଗଙ୍କୁ ପ୍ରଶାସନିକ ଅଧିକାରୀ ବୃନ୍ଦ ଆଶାବାଡ଼ି ପ୍ରଦାନ କରିଥଲେ। କାର୍ଯ୍ୟକ୍ରମରେ ତହସିଲଦାର ସନ୍ତୋଷ କୁମାର ସାହୁ, ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟ ରାଧାକାନ୍ତ ମହାକୁଡ଼, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର, ସିଡିପିଓ ପୁଷ୍ପାଞ୍ଜଳି ଶତପଥି, ଜିପିଡିଓ ଉମେଶ ସେଠୀ, ଯୋଗାଣ ନିରୀକ୍ଷକ ବ୍ରଜେଶ୍ୱର ରଥଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ନିର୍ବାହୀ ଅଧିକାରୀ ବୃନ୍ଦ, ଗ୍ରାମ ରୋଜଗାର ସେବକ ଓ ଯୋଗାଣ ସହାୟକ ଅଭିଯୋଗ ପଞ୍ଜୀକରଣରେ ସହଯୋଗ କରିଥିଲେ।




## ନାବାଳିକାଙ୍କୁ ଅପହରଣ ଅଭିଯୋଗ

ଦିଗପହଣ୍ଡି, ୯ ।୬(ସମିସ): ଦିଗପହଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ୬ଷ୍ଠ ଶ୍ରେଣୀରେ ପଢୁଥିବା ନାବାଳିକାଙ୍କୁ ଦୀପକ କୁମାର ନାୟକ ନାମକ ଜଣେ ଯୁବକ ଅପହରଣ କରି ନେଇଯାଇଥିବା ନାବାଳିକାଙ୍କ ମା’ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ମାମଲା ରୁଜୁ କରିବା ସହ ଏସ.ଆଇ ଜ୍ୟୋତି ରଞ୍ଜନ ବେହେରାଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନାବାଳିକା ଜଣକ ଶନିବାର ସନ୍ଧ୍ୟାରେ ଅନ୍ୟ ଜଣେ ସାଙ୍ଗଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ତାଙ୍କ ଘରକୁ ଯାଇଥିବା ବେଳେ ରାତି ୮ଟା ସୁଦ୍ଧା ଘରକୁ ଫେରିନଥିଲେ। ପରିବାର ଲୋକେ ଖୋଜାଖୋଜି କରି ସନ୍ଧାନ ପାଇନଥିଲେ। ତାଙ୍କୁ ପୂର୍ବ ଯୋଜନା ପ୍ରକାରେ ଅଭିଯୁକ୍ତ ଜଣକ ଅପହରଣ କରିଥିବା ଜଣାପଡ଼ିବା ପରେ ନାବାଳିକାଙ୍କ ମା’ ଥାନାରେ ଏତଲା ଦେଇଥିଲେ। ଅଭିଯୁକ୍ତଙ୍କ ମୋବାଇଲ ନମ୍ବର ଟ୍ରାକିଂ କରି ତଦନ୍ତକାରୀ ଅଧିକାରୀ ସଦଳବଳେ ବିଭିନ୍ନ ସନ୍ଦିଗ୍ଧ ଅଞ୍ଚଳରେ ଚଢ଼ଉ କରିଥିଲେ ମଧ୍ୟ ନାବାଳିକା କିମ୍ବା ଅଭିଯୁକ୍ତଙ୍କ ପତ୍ତା ମିଳିପାରିନାହିଁ।

# କାଳବୈଶାଖୀ ତାଣ୍ଡବ; ଉପୁଡ଼ିଲା ଗଛ







ପାତ୍ରପୁର, ୯ ।୬(ସମିସ)

ପାତ୍ରପୁର ବ୍ଲକ ତଥା ପାତ୍ରପୁର ଗ୍ରାମରେ ସୋମବାର ଅପରାହ୍ନରେ ତାଣ୍ଡବ ରଚିଛି କାଳବୈଶାଖୀ। ପ୍ରବଳ ପବନ ସାଙ୍ଗକୁ ବର୍ଷା ହୋଇଥିବା ବେଳେ ପାତ୍ରପୁର ଗ୍ରାମରେ ଏକାଧିକ ଗଛ ଭାଙ୍ଗି ପଡ଼ିଥିବା ଦେଖିବାକୁ ମିଳିଛି। ଫଳରେ ଖବର ଲେଖିବା ସୁଦ୍ଧା ବିଦ୍ୟୁତ୍ ସରବରାହ ବନ୍ଦ ରହିଥିବାବେଳେ ବାହିନୀ ଏବଂ ବିଦ୍ୟୁତ୍ ବିଭାଗ ପକ୍ଷରୁ ଗଛ କାଟି ସଫା କରିବା ସହ ବିଦ୍ୟୁତ୍ ମରାମତି କାର୍ଯ୍ୟ ଜାରି ରହିଛି। ତେବେ ପ୍ରବଳ ଗୁଳୁଗୁଳିରୁ ଅଞ୍ଚଳବାସୀ ସାମାନ୍ୟ ରକ୍ଷା ପାଇଛନ୍ତି।

**ସାନଖେମୁଣ୍ଡି:** ସାନଖେମୁଣ୍ଡିରେ ଅଦିନିଆ ବର୍ଷାରେ ମେଘ ପବନ ଯୋଗୁଁ ରାସ୍ତା ଉପରେ କିଛି ଗଛ ପଡ଼ିଯାଇଥିଲା। ଫଳରେ ରାସ୍ତା କଡ଼ରେ ଶହ ଶହ ଗାଡି ଅଟକିଥିବା ଦେଖିବାକୁ ମିଳିଛି। ସୋମବାର ଅପରାହ୍ନରେ ବର୍ଷା ସହ ମେଘ ପବନ ମାଡ଼ିଆସିଥିଲା। ପବନ ଯୋଗୁଁ କିଛି ଗଛ ପଡ଼ିଯିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ପାଇକ ଜଗନ୍ନାଥପୁର, ବାସୁଦେବପୁର ଗ୍ରାମରେ ଗଛ ପଡ଼ି ଏପରି ଅବସ୍ଥା ହୋଇଥିଲା। ପ୍ରାୟ ଦୁଇ ଘଣ୍ଟା ପାଇଁ ଯାନବାହନ ଚଳାଚଳ ଠପ ହୋଇଯାଇଥିଲା।

### ● ଆଶ୍ୱସ୍ତି ଆଣିଲା ବର୍ଷା

**ରମ୍ଭା:** ସୋମବାର ରମ୍ଭା ଅଞ୍ଚଳରେ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ଅନୁଭବ ହେଉଥିଲା। ତେବେ ଅପରାହ୍ନରେ କଳାହାଣ୍ଡିଆ ମେଘ ଘୋଟି ଆସିବା ସହ ଝଡ଼ ପବନ ଓ ବର୍ଷା ଆଶ୍ୱସ୍ତି ଆଣିଛି। ଜୋର୍‌ରେ ଅସରାଏ ବର୍ଷା ପରେ ମୁକୁଳା ଡ୍ରେନ୍ ବୋଝେଇ ହେବା ଫଳରେ ୩ଫୁଟ ଉଚ୍ଚରେ ପାଣି ବସଷ୍ଟାଣ୍ଡ, ସାହି ଗଳିକନ୍ଦି, ତଳିଆ ଅଞ୍ଚଳ ତଥା ରାଜରାସ୍ତା ଉପରେ ମଇଳା ସାଙ୍ଗକୁ ଅବ୍ୟବହୃତ ପାଣି ବୋତଲ, ପଟୁମାଟି, ଅଦରକାରୀ ଜିନିଷ ଲହଡି ଖେଳିଥିଲା। ଫଳରେ ଯାତାୟାତ ଠପ୍ ହୋଇଯାଇଥିଲା। ଏହା ସାଙ୍ଗକୁ ବହୁ ପୁରାତନ ଗଛ ଡ଼ାଳପତ୍ର ଭାଙ୍ଗି ପଡ଼ିଥିବା ଲକ୍ଷ୍ୟ କରାଯାଇଥିଲା। ଅସମୟ ମୌସୁମୀରେ ଅସରାଏ ବର୍ଷାରେ ମୁଲୁଳା ଡ୍ରେନ ପାଣି ଯଦି ରାଜରାସ୍ତା ଉପରେ ଆସିଲା ତେବେ ଆଗକୁ ମୌସୁମୀ ଆସୁଛି ତାହାର ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ପ୍ରଶାସନ ତତ୍ପରତା ଦେଖାଇବା ଜରୁରୀ ହୋଇପଡ଼ିଛି ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି।



● ଯୁବକଙ୍କ ଆତ୍ମହତ୍ୟା ଘଟଣା...

## ବୋହୂ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଲେ ଶାଶୁ-ଶଶୁର

ବ୍ରହ୍ମପୁର, ୯ ।୬(ସମିସ): ବ୍ରହ୍ମପୁର ମିଲିଟାରୀ ଲାଇନ ପ୍ରଥମ ଗଳିର ଯୁବକ ଟି. ସଞ୍ଜୟ ଘରେ ଆତ୍ମହତ୍ୟା କରିଛନ୍ତି। ତେବେ ଏହି ଆତ୍ମହତ୍ୟାକୁ ନେଇ ସଞ୍ଜୟଙ୍କ ବାପା-ମାଆ ନିଜ ବୋହୂ ବିରୋଧରେ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ସଞ୍ଜୟଙ୍କୁ ତାଙ୍କ ପତ୍ନୀ ବାରମ୍ବାର ମାନସିକ ନିର୍ଯାତନା ଦେଇ ଆସୁଥିଲେ ବୋଲି ସେମାନେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ସଞ୍ଜୟଙ୍କ ପତ୍ନୀଙ୍କୁ ଥାନାକୁ ଡାକି ପଚରାଉଚରା ଚଳାଇଛି। ସୂଚନାଥାଉକି, ମିଲିଟାରୀ ଲାଇନ ପ୍ରଥମ ଗଳିର ଟି. ବାବୁଜୀଙ୍କ ପୁଅ ସଞ୍ଜୟ ବ୍ରହ୍ମପୁରର ଜଣେ ଯୁବତୀଙ୍କୁ ଆଜକୁ ୨ବର୍ଷ ତଳେ ବିବାହ କରିଥିଲେ।

ବିବାହର କିଛିମାସ ପରେ ସଞ୍ଜୟଙ୍କ ପତ୍ନୀଙ୍କ ଆଚରଣ ଠିକ ନଲାଗିବାରୁ ସଞ୍ଜୟ ଓ ତାଙ୍କ ବାପା-ମାଆ ବୁଝାସୁଝା କରିଥିଲେ। ହେଲେ ସଞ୍ଜୟଙ୍କ ପତ୍ନୀ ତାହାକୁ କର୍ଣ୍ଣପାତ କରୁନଥିଲେ। ଏପରିକି ତାଙ୍କର ଯାହା ଇଚ୍ଛା କରିବେ ବୋଲି କହୁଥିଲେ। ସଞ୍ଜୟ ରୋଜଗାର କରି ଆଣୁଥିବା ଟଙ୍କା ନେଇ ଅନ୍ୟ ଯୁବକଙ୍କୁ ଦେଉଥିଲେ ବୋଲି ମୃତ ସଞ୍ଜୟଙ୍କ ବାପା ବାବୁଜୀ ନିଜ ଏତଲାରେ ଦର୍ଶାଇଛନ୍ତି। ଏପରିକି ଅଧିକ ବୁଝାଇଲେ ଥାନାରେ ମିଛ ମାମଲା ଦେଇ ଫସାଇଦେବାକୁ ବୋହୂ ଧମକ ଦେଉଥିଲେ। ତେଣୁ ତାଙ୍କ ପୁଅ ସଞ୍ଜୟ ମାନସିକ ଚାପରେ ଆତ୍ମହତ୍ୟା କରିଛି ବୋଲି ସେ ଅଭିଯୋଗ କରିଛନ୍ତି। ପ୍ରକାଶଥାଉକି, ଶନିବାର ଭୋର ୪ଟାରେ ସଞ୍ଜୟଙ୍କ ଘରୁ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା। ଶୁକ୍ରବାର ରାତିରେ ସଞ୍ଜୟ ଓ ତାଙ୍କ ପରିବାରର ସମସ୍ତେ ଖାଇସାରିବା ପରେ ନିଜ ନିଜ କୋଠରୀରେ ଶୋଇଥିଲେ। ହେଲେ ସମସ୍ତେ ଶୋଇପଡିବା ପରେ ପତ୍ନୀଙ୍କ କାରନାମାକୁ ନେଇ ମାନସିକ ଚାପରେ ରହୁଥିବା ସଞ୍ଜୟ ଫ୍ୟାନରେ ରଶି ଲଗାଇ ଝୁଲି ପଡିଥିଲେ। ସଞ୍ଜୟଙ୍କ ବାପା ଶନିବାର ଭୋର ୪ଟାରେ ନିଦରୁ ଉଠିବା ପରେ ପୁଅର ଝୁଲନ୍ତା ମୃତଦେହ ଦେଖିଥିଲେ। ପରିବାର ପକ୍ଷରୁ ଟାଉନ ଥାନା ପୁଲିସକୁ ଖବର ଦିଆଯିବା ପରେ ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ବାଇକ୍ ପୋଡ଼ିଦେଲେ ଦୁର୍ବୃତ୍ତ

ବ୍ରହ୍ମପୁର, ୯ ।୬(ସମିସ): ନିମଖଣ୍ଡି ନାରାୟଣ ନଗରରେ ଥିବା ଏକ ପଲ୍‌ସର ବାଇକକୁ କୌଣସି ଦୁର୍ବୃତ୍ତ ନିଆଁ ଲଗାଇ ପୋଡ଼ି ଦେଇଛନ୍ତି। ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାପ୍ରକାରେ ଭାବିନିପୁର ଦାନୁଆ ସାହିର ରାଜା ସାହୁ ନିମଖଣ୍ଡି ନାରାୟଣ ନଗରରକୁ କୌଣସି କାମରେ ଯାଇ ସେଠାରେ ନିଜ ପଲ୍‌ସର ବାଇକକୁ ରଖିଥିଲେ। ତେବେ ଜଣେ ଅଜଣା ବ୍ୟକ୍ତି ସେଠାରେ ପହଞ୍ଚି ବାଇକ୍‌ରେ ପୋଟ୍ରାଲ ଢାଳି ନିଆଁ ଲଗାଇବା ପରେ ଫରାର ହୋଇଯାଇଥିଲା। ବାଇକଟି ଅଧା ଜଳି ଯିବା ପରେ ରାଜା ଜାଣିପାରି ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ସେହି ଅଞ୍ଚଳରେ ଲାଗିଥିବା ସିସିଟିଭିରେ ନିଆଁ ଲାଗିବାର ଦୃଶ୍ୟ କଏଦ ହୋଇଛି। ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି।

## ଉଦ୍ଧାର ଅଣ୍ଡାରୁ ବାହାରିଲା ୧୭ ନାଗ ଛୁଆ



ବ୍ରହ୍ମପୁର, ୯ ।୬(ସମିସ): ହିଞ୍ଜିଳି ବ୍ଲକ ଶ୍ୟାମଳାଇ ଛକରୁ ଗତ ମଙ୍ଗଳବାର ଉଦ୍ଧାର କରାଯାଇଥିବା ଅଣ୍ଡାରୁ ୧୭ଟି ନାଗ ଛୁଆ ବାହାରିଛି। ସପ୍ତାହେ ଧରି ବ୍ରହ୍ମପୁରରେ ବନାଞ୍ଚଳ କାର୍ଯ୍ୟାଳୟରେ ସାପ ଅଣ୍ଡାକୁ ବହୁ ଯତ୍ନର ସହ ରଖାଯାଇଥିବା ବେଳେ ଉକ୍ତ ଅଣ୍ଡା ସୋମବାର ଫୁଟିଛି। ଶ୍ୟାମଳାଇ ଛକରେ ରହୁଥିବା କାହ୍ନୁ ଚରଣ ବିଶୋୟୀଙ୍କ ଘର ବାଡିରେ ଥିବା ଜାମ ଗଛ କୋରଡ଼ରେ ସାପ ଓ କିଛି ଅଣ୍ଡା ରହିଥିଲା। ଖବର ପାଇ ସ୍ନେକ ହେଲ୍ପ ଲାଇନର ସଦସ୍ୟ ସନ୍ଦୀପ ସେଠୀ ପହଞ୍ଚି ୧୭ଟି ଅଣ୍ଡାକୁ ଉଦ୍ଧାର କରିଥିଲେ। ଏହା ସହ ୫ଫୁଟର ଏକ ନାଗ ସାପ ମଧ୍ୟ ଉଦ୍ଧାର କରାଯାଇଥିଲା। ପରେ ବନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଉଦ୍ଧାର ନାଗ ସାପକୁ ପୂର୍ବରୁ ସଂରକ୍ଷିତ ଜଙ୍ଗଲରେ ଛଡ଼ା ଯାଇଥିଲା। ସାପ ଅଣ୍ଡାକୁ ବ୍ରହ୍ମପୁର ବନାଞ୍ଚଳ କାର୍ଯ୍ୟାଳୟରେ ରଖିଥିଲେ। ଏଥିରୁ ଛୁଆ ବାହାର କରିବା ପଦ୍ଧତି ଅବଲମ୍ବନ କରାଯାଇଥିଲା। ସ୍ନେକ ହେଲ୍ପ ଲାଇନ ସଂଯୋଜକ ସ୍ୱାଧୀନ ସାହୁ ପ୍ରତିଦିନ ସାପ ଅଣ୍ଡାରୁ ସୁରକ୍ଷିତ ଭାବେ ଛୁଆ ବାହାରିବ ସେନେଇ ନିରୀକ୍ଷଣ କରୁଥିଲେ। ରବିବାର କିଛି ଅଣ୍ଡାରୁ ଛୁଆ ବାହାରିଥିବା ବେଳେ ସୋମବାର ସମସ୍ତ ଅଣ୍ଡାରୁ ଛୁଆ ବାହାରିଥିଲା। ସରକାର ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଉଛନ୍ତି। ଉଦ୍ଧାର ଅଣ୍ଡାରୁ ଛୁଆ ବାହାରିବ ପର୍ଯ୍ୟନ୍ତ ସୁରକ୍ଷିତ ଭାବେ ରଖା ଯାଇଥିବା ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନି ଖୋଖର କହିଛନ୍ତି।

ଏମ୍‌କେସିଜିରେ ବଢୁଛି ରୋଗୀଙ୍କୁ ଶୋଷଣ

# ଦଲାଲ୍‌ଙ୍କ ପଛରେ ପୁଲିସ; ରୋଗୀଙ୍କ ପଛରେ ଲୁଟେରା

● ଚିକିତ୍ସା ପାଇଁ ଆସିଥିବା ବୃଦ୍ଧ ଦମ୍ପତିଙ୍କୁ ଅଲଗା କରି ଲୁଟିନେଲେ ଅଳଙ୍କାର
● ମାଲମାଲ ସିସିଟିଭି ଓ ସୁରକ୍ଷାକର୍ମୀ କେଉଁ କାମକୁ?



ବ୍ରହ୍ମପୁର, ୯ ।୬(ସମିସ)

ଏମ୍‌କେସିଜି ମେଡିକାଲରେ ଦିନକୁ ଦିନ ଦେଖିବାକୁ ମିଳୁଛି ବିଚିତ୍ର ଦୃଶ୍ୟ। କିଏ ଡାଳେ ଡାଳେ ଗଲେ ଆଉ କିଏ ପତ୍ରେ ପତ୍ରେ ଯାଇ ପରସ୍ପରକୁ ଜଗୁଛନ୍ତି। ଡାକ୍ତରଖାନାରେ ଦଲାଲ ସକ୍ରିୟ ଥିବା ନେଇ ବାରମ୍ବାର ଅଭିଯୋଗ ପରେ ପୁଲିସ ପ୍ରଶାସନ ପକ୍ଷରୁ ତନାଘନା ଜାରି ରହିଛି। ରୋଗୀଙ୍କୁ ଅନ୍ୟତ୍ର ଚାଲାଣ କରୁଥିବା ଦଲାଲଙ୍କୁ ଧରିବାରେ ମଧ୍ୟ ପୁଲିସ ସଫଳ ହୋଇଛି। ତେବେ ଏହାର ସୁଯୋଗ ନେଉଛନ୍ତି ଡାକ୍ତରଖାନା ପରିସରରେ ସକ୍ରିୟ ଥିବା ଚୋର ଓ ଲୁଟେରା ଗ୍ୟାଙ୍ଗର ସଦସ୍ୟ। ଦୂରଦୂରାନ୍ତରୁ ଆସୁଥିବା ନିରୀହ ରୋଗୀ ତଥା ସେମାନଙ୍କ ସମ୍ପର୍କିୟଙ୍କୁ ବିଶ୍ୱାସ ଜନ୍ମାଇ ପରେ ବିଶ୍ୱାସରେ ବିଷ ଦେଇ ସେମାନଙ୍କ ଠାରୁ ଲୁଟୁଥିବା ଭଳି ଅନେକ ଘଟଣା ନଜରକୁ ଆସିଛି। ଏଭଳି ଏକ ଘଟଣା ସୋମବାର ପୂର୍ବାହ୍ନରେ ଦେଖିବାକୁ ମିଳିଛି ଓପିଡିରେ। ଗଜପତି ଜିଲ୍ଲାର ଆର. ଉଦୟଗିରି ଥାନା ଅନ୍ତର୍ଗତ ମହେନ୍ଦ୍ରଗଡ ଗ୍ରାମର ବୃଦ୍ଧ ଦମ୍ପତି ଜୁରିଆ ସାହୁ (୭୫) ଓ ତାଙ୍କ ପତ୍ନୀ ଶଶି ସାହୁ (୬୫)। ଶଶିଙ୍କ ଗଳାରେ ଲାଗି ରହୁଥିବା ଯନ୍ତ୍ରଣା ସମ୍ପର୍କରେ ଡାକ୍ତରଙ୍କ ପରାମର୍ଶ ଓ ଚିକିତ୍ସା ପାଇଁ ଉଭୟ ପତିପତ୍ନୀ ଏମକେସିଜି ମେଡିକାଲକୁ ଆସିଥିଲେ। ବର୍ହିଚିକିତ୍ସା ବିଭାଗରେ ପଞ୍ଜିକରଣ ପାଇଁ ଲାଗିଥିଲା ପ୍ରବଳ ଭିଡ଼। ଦୀର୍ଘ ସମୟ ଧରି ସାଧାରଣବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଲାଇନରେ ରହିଥିଲେ ଏହି ଦମ୍ପତି। ଉଭୟଙ୍କ ବୟସ ୬୦ରୁ ଊର୍ଦ୍ଧ୍ୱ ହୋଇଥିବା ଦର୍ଶାଇ ସେଠାରେ ଥିବା ଜଣେ ବ୍ୟକ୍ତି ନିଜକୁ ଏମ୍‌କେସିଜି ମେଡିକାଲର କର୍ମଚାରୀ ବୋଲି ପରିଚୟ ଦେଇ ଉଭୟଙ୍କୁ ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ଲାଇନରେ ରହିବାକୁ ପରାମର୍ଶ ଦେଇଥିଲେ। ପରେ ଟିକଟ କରି ଡାକ୍ତରଙ୍କ ଠାରୁ ପରାମର୍ଶ ନେଇଥିଲେ ଶଶି। କିଛି ପରୀକ୍ଷା ଓ ଔଷଧ ନେବାକୁ ପରାମର୍ଶ ଦେଇଥିଲେ ଡାକ୍ତର। ତେବେ ଏହି ସମୟରେ ସେଠାରେ ଥିବା ବ୍ୟକ୍ତି ଜଣକ ଜୁରିଆଙ୍କୁ ଔଷଧ କାଉଣ୍ଟରରେ ଧାଡିରେ ରହିବାକୁ କହି ଶଶିଙ୍କୁ ନିଜ ସାଙ୍ଗରେ ନେଇ ପରୀକ୍ଷା କେନ୍ଦ୍ରକୁ ଯାଇଥିଲେ। ସେଠାରେ ଏକୁଟିଆ ଥିବାର ସୁଯୋଗ ନେଇ ଉକ୍ତ ବ୍ୟକ୍ତି ଜଣକ ଶଶିଙ୍କ ବେକରୁ ସୁନା ଚେନ ସହ ଲକେଟ ଓ କାନର ଫୁଲ ଛଡ଼ାଇ ନେଇଥିଲା। ତେବେ ଦୁଇଟି କାନ ମଧ୍ୟରୁ କେବଳ ଗୋଟିଏ କାନର ଫୁଲ ନେବାରେ ସଫଳ ହୋଇଥିଲା ଲୁଟେରା ଜଣକ। ଏବଂ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା। ଅନ୍ୟ ଉପାୟ ନପାଇ ଶଶି ଖୋଜି ଖୋଜି ନିଜ ସ୍ୱାମୀ ଜୁରିଆଙ୍କ ନିକଟରେ ପହଞ୍ଚିଥିଲେ। ପରେ ନିଜ ପୁଅଙ୍କୁ ଫୋନ କରି ଡାକି ପରେ ମେଡିକାଲ ଫାଣ୍ଡିରେ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଅଭିଯୋଗ ପାଇବା ପରେ ପୁଲିସ ଏକ ମାମଲା ରୁଜୁ କରି ଡାକ୍ତରଖାନାର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜକୁ ଅନୁଧ୍ୟାନ କରି ଲୁଟେରାକୁ ଚିହ୍ନଟ କରିବାକୁ ଉଦ୍ୟମ ଜାରି ରଖିଛି। ତେବେ ବାରମ୍ବାର ଏଭଳି ଘଟଣା ଘଟୁଥିବା ବେଳେ ମାଲମାଲ ସିସିଟିଭି ଓ ଘରୋଇ ସୁରକ୍ଷାକର୍ମୀଙ୍କୁ ମୁତୟନ କରି କି ପ୍ରକାର ସୁଫଳ ମିଳୁଛି ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ତାକୁ ନେଇ ଉଠିଛି ପ୍ରଶ୍ନ।

## ଲିଫ୍ଟରେ ଦୁଇ ଘଣ୍ଟା ଫସିଲେ ୨ ମହିଳା



ଦେବଦୂତ ସାଜି ଉଦ୍ଧାର କଲେ ଅଗ୍ନିଶମ କର୍ମଚାରୀ

ବ୍ରହ୍ମପୁର, ୯ ।୬(ସମିସ)

ଦୁଇଘଣ୍ଟା ଧରି ଲିଫ୍ଟରେ ଫସି ରହିଲେ ଦୁଇ ମହିଳା। ଦେବଦୂତ ସାଜି ଦୁଇ ମହିଳାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କଲେ ଅଗ୍ନିଶମ ଅଧିକାରୀ ଓ କର୍ମଚାରୀ। ଏଭଳି ଘଟଣା ଦେଖିବାକୁ ମିଳିଛି ବ୍ରହ୍ମପୁର ଗିରିରୋଡ଼ ଅଞ୍ଚଳରେ। ଗିରିରୋଡ଼ ଠାରେ ରହିଥିବା କେ.ଭି ପ୍ଲାଜା ନାମକ ଏକ କୋଠାକୁ ବ୍ରଜନଗର ଦ୍ୱିତୀୟ ଲାଇନ ଅଞ୍ଚଳର ସରିତା ମେହେର ଓ ସୌଦାମିନୀ ମେହେର ଯାଇଥିଲେ। କୋଠା ଉପରକୁ ଯାଇ ନିଜର କାମ ସାରି ଲିଫ୍ଟରେ ଫେରୁଥିବାବେଳେ ଅଧା ଆସିବା ପରେ ହଠାତ୍ ଲିଫ୍ଟଟି ବନ୍ଦ ହୋଇଯାଇଥିଲା। ଉଭୟ ସରିତା ଓ ସୌଦାମିନୀ ଏମର୍‌ଜେନ୍ସି ସୁଇଚ୍ ଚିପିବା ପରେ ମଧ୍ୟ ତାହା କାମ ଦେଇନଥିଲା। ଏହାଛଡ଼ା ଲିଫ୍ଟରେ କୌଣସି ସହାୟତା ନମ୍ବର ମଧ୍ୟ ଉପଲବ୍ଧ ନଥିଲା। କୌଣସି ଉପାୟ ନପାଇ ଦୁଇ ମହିଳା ପାଟି କରିବା ସହିତ ଲିଫ୍ଟର କବାଟକୁ ମଧ୍ୟ ବାଡ଼େଇଥିଲେ। ତଥାପି ମଧ୍ୟ ତାହା ତଳକୁ ନ ଯିବା ଯୋଗୁ ନିଜ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପରିବାର ଲୋକେ ସମ୍ପୃକ୍ତ କୋଠାରେ ପହଞ୍ଚିବା ପରେ ସ୍ଥାନୀୟ ବାସିନ୍ଦା ଏନେଇ ଜାଣିବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ବିଭିନ୍ନ ଯନ୍ତ୍ରାଂଶ ଦ୍ୱାରା ପ୍ରଥମେ ଲିଫ୍ଟକୁ ତଳକୁ ଆଣିବା ପରେ କବାଟ ଖୋଲି ଦୁଇଘଣ୍ଟା ପରେ ଦୁଇ ମହିଳାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଏତେ ସମୟ ମହିଳାମାନେ ଲିଫ୍ଟରେ ରହିବା ଯୋଗୁ ଶ୍ୱାସରୁଦ୍ଧ ହୋଇ ଅସୁସ୍ଥ ହୋଇପଡ଼ିଥିଲେ। ଦେବଦୂତ ସାଜି ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ପହଞ୍ଚି ଉଦ୍ଧାର କରିଥିବା ଯୋଗୁ ଦୁଇ ମହିଳା ଅଗ୍ନିଶମ ବିଭାଗ ଅଧିକାରୀ ଶତ୍ରୁଘ୍ନ ଦାସ, କର୍ମଚାରୀ ସୁଶାନ୍ତ ବେହେରାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ବିର୍ସା ମୁଣ୍ଡାଙ୍କ ସହିଦ ଦିବସ ପାଳିତ

ବ୍ରହ୍ମପୁର, ୯ ।୬(ସମିସ)

ସ୍ଥାନୀୟ ଏମ୍‌କେସିଜି ମେଡିକାଲ କଲେଜ ପରିସରରେ ପୂଜ୍ୟ ପୂଜା ସମିତି ଓ ଓମ ପ୍ରଭାତ ଲଫିଙ୍ଗ କ୍ଲବର ମିଳିତ ଆନୁକୂଲ୍ୟରେ ମହାନ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୨୫ତମ ଶହୀଦ ଦିବସ ପାଳିତ ହୋଇଛି। କ୍ଲବ ସଭାପତି ଦେବରାଜ ଦାଶଙ୍କ ଅଧ୍ୟକ୍ଷତାରେ ଏକ ସ୍ମରଣ ସଭା ଅନୁଷ୍ଠିତ ହୋଇଥିଲା। ବ୍ରିଟିଶ ବିରୋଧୀ ସ୍ୱାଧୀନତା ସଂଗ୍ରାମରେ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ପ୍ରମୁଖ ଭୂମିକା ରହିଥିବା ସହ ସମାଜ ପ୍ରତି ରହିଥିବା ଅବଦାନ ଓ ଜୀବନୀ ସମ୍ପର୍କରେ ଅନୁଷ୍ଠିତ ବୈଠକରେ ଆଲୋଚନା କରାଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ସୁରେନ୍ଦ୍ର ନାଥ ପଣ୍ଡା, ଗଗନ ଚନ୍ଦ୍ର ମଲ୍ଲିକ, ଅମୁଲ୍ୟ ଚନ୍ଦ୍ର ପଣ୍ଡା ପରିଚାଳନା କରିଥିବାବେଳେ ଆର. ସତ୍ୟ ନାରାୟଣ ରାଓ, ଅଶୋକ ଦଳାଇ, ଜଟେଶ୍ୱର ସାବତ, ଦୈତ୍ୟରୀ ବେହେରା, ରାମ ଚନ୍ଦ୍ର ସାହାଣୀ, ଡ. ଡମ୍ବୁରୁଧର ସାହୁ, ବୃନ୍ଦାବନ ପରିଡା, ରମାକାନ୍ତ ସାହୁ, ରାଧାକ୍ରିଷ୍ଣା ପାତ୍ର, ଭଗବତ ରାଓ, ଟି. ନାଗ ଭୂଷଣ ଓ କରୁଣାକର ଗୌଡ଼ ପ୍ରମୁଖ ସ୍ମରଣ ସଭାରେ ଅଂଶ ଗ୍ରହଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



## 'ଦାଦନ ଜହ୍ନ' ପୁସ୍ତକ ଉନ୍ମୋଚିତ

ବ୍ରହ୍ମପୁର, ୯ ।୬(ସମିସ): ସର୍କିଟ ହାଉସ ସଭାଗୃହରେ ଲେଖକ ବୃନ୍ଦାବନ ପଣ୍ଡାଙ୍କ "ଦାଦନ ଜହ୍ନ" ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ଭଗବାନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁସ୍ତକ ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ନାଟ୍ୟକାର ମେଜର ରମାରମଣ ପାଢି, ସମ୍ମାନିତ ଅତିଥି ଭାବେ ଯୋଗ ଅବସରପ୍ରାପ୍ତ ପ୍ରଫେସର ଡ. ସୁରେନ୍ଦ୍ରନାଥ ପାଣିଗ୍ରାହୀ, ଶିକ୍ଷାବିତ୍ ଲିଙ୍ଗରାଜ ସ୍ୱାଇଁ, ଅରୁଣା ଅନୁଷ୍ଠାନର ସମ୍ପାଦକ ଲୋକନାଥ ମିଶ୍ର ଯୋଗ ଦେଇଥିଲେ। ସମଦୃଷ୍ଟିର କାର୍ଯ୍ୟନିର୍ବାହୀ ସମ୍ପାଦକ ବିଦ୍ୟେଧଶ୍ୱର ସାହୁ ସଂଯୋଜନା ଓ ପୁସ୍ତକର ସମୀକ୍ଷା କରିଥିଲେ। ଗଞ୍ଜାମ ଜିଲ୍ଲା ତଥା ଓଡିଶାର ଦାଦନ ଶ୍ରମିକଙ୍କ ଦୁର୍ଦ୍ଦଶା ସାଙ୍ଗକୁ ମହାମାରୀ ଏଡସ୍ କବଳରେ ପଡି ଭୋଗୁଥିବା ସାମାଜିକ ବାସନ୍ଦ ଓ ଘୃଣା କାରଣକୁ ଦୈନିକ ମରି ମରି ବଞ୍ଚୁଥିବା ପ୍ରବାସୀ ଶ୍ରମିକର ଜୀବନ ଯନ୍ତ୍ରଣାକୁ ନେଇ ଏହି ପୁସ୍ତକରେ ବର୍ଣ୍ଣନା କରାଯାଇଛି। ପୁସ୍ତକର ଲେଖକ ବୃନ୍ଦାବନ ପଣ୍ଡା ଏହି ଦାଦନ ଜହ୍ନ ପୁସ୍ତକ ରଚନା ପଛର କାରଣ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଶରତ କୁମାର ପଟ୍ଟନାୟକ, ସତ୍ୟନାରାୟଣ ଧର, ଡ. ସନ୍ତୋଷ କୁମାର ଦାସ, ଡ. ଶ୍ୟାମା ପ୍ରସାଦ ମିଶ୍ର, ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଅଧ୍ୟାପକ ଦୁର୍ଯ୍ୟୋଧନ ଜେନା, କବି ଆଶୁତୋଷ ପାତ୍ର, ବନ୍ଦନା ମିଶ୍ର, ସୌଦାମିନୀ ମିଶ୍ର ଓ ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



## ଏନ୍‌ସିସି ନାଭାଲ ଓ ଆର୍ମିର ବାର୍ଷିକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ବ୍ରହ୍ମପୁର, ୯ ।୬(ସମିସ)

ବ୍ରହ୍ମପୁର ସ୍ଥିତ ୧ (ଓଡିଶା) ନାଭାଲ ୟୁନିଟ୍ ଏନ୍‌ସିସି ଓ ୩ (ଓଡିଶା) ମେଡିକାଲ କମ୍ପାନୀ ଏନ୍‌ସିସି ପକ୍ଷରୁ ବାର୍ଷିକ ପ୍ରଶିକ୍ଷଣ ଉଦ୍‌ଘାଟିତ ହୋଇଯାଇଛି। ପାରଳା ମହାରାଜା ଇଂଜିନିୟରିଂ କଲେଜ, ଶୀତଳାପଲ୍ଲିଠାରେ ଏହି ସିଏଟିସି କ୍ୟାମ୍ପ ଆରମ୍ଭ ହୋଇଥିବା ବେଳେ ଆଗାମୀ ୧୦ଦିନ ଧରି ଜାରି ରହିବ। ଏଥିରେ ୧୪ଟି ବିଦ୍ୟାଳୟ ଓ ୭ଟି ମହାବିଦ୍ୟାଳୟର ପାଖାପାଖି ୬୦୦ କ୍ୟାଡେଟ୍ ଯୋଗ ଦେଇଛନ୍ତି। ଏହି ବାର୍ଷିକ ପ୍ରଶିକ୍ଷଣ ଅଧିନରେ ଥିବା ପାରଳା ମହାରାଜା ଇଂଜିନିୟରିଂ କଲେଜ, ଶୀତଳାପଲ୍ଲି ଓ ସିଟି କଲେଜ, ବ୍ରହ୍ମପୁର ସମେତ ୫ଟି ଜିଲ୍ଲାର ନାଭାଲ ଓ ଆର୍ମି ଏନସିସି କ୍ୟାଡେଟମାନେ ଯୋଗ ଦେଇଛନ୍ତି। ଏହି ବାର୍ଷିକ ପ୍ରଶିକ୍ଷଣ ଶିବିରଟି ୧(ଓଡିଶା) ନାଭାଲ ୟୁନିଟ୍ ଏନସିସିର କମାଣ୍ଡିଙ୍ଗ୍ ଅଫିସର କମାଣ୍ଡର ଏନଭିପି ସ୍ୱାମୀଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ବେଳେ ଏଏନଓ, ପି.ଆଇ. ଷ୍ଟାଫ୍‌ଙ୍କ ଦ୍ୱାରା ଭାରତୀୟ ନୌସେନା ଓ ଭାରତୀୟ ସ୍ଥଳସେନା ବିଷୟରେ ବିଭିନ୍ନ ବିଭାଗର ପ୍ରଶିକ୍ଷଣ ନେବେ। ଏହି ବାର୍ଷିକ ପ୍ରଶିକ୍ଷଣ ଶିବିରରେ ଡ୍ରିଲ ରାଇଫଲ ଡ୍ରିଲ,



ଶିବିରରେ ଉଭୟ ବାଳକ ଓ ବାଳିକା ବର୍ଗରେ ଟ୍ରେନିଂ ଦିଆଯିବ। ଏହି କାର୍ଯ୍ୟକ୍ରମରେ ୧(ଓଡିଶା) ନାଭାଲ ୟୁନିଟ୍ ଏନ୍‌ସିସି ଅଧିନରେ ଥିବା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ଛତ୍ରପୁର ସାଇନ୍ସ କଲେଜ, ଗଞ୍ଜାମ ମହାବିଦ୍ୟାଳୟ ଓ ଭଞ୍ଜନଗର ମହାବିଦ୍ୟାଳୟ ଏବଂ ୩ (ଓଡିଶା) ମେଡିକାଲ କମ୍ପାନୀ ଏନସିସି ଫାଇରିଂ, ସିପ୍ ମୋଡଲିଂ, ସିମାଫୋର, ବୋଟ୍ ପୁଲିଂ, ବୋଟ୍ ସେଲିଂ, ବୋଟ୍ ପୁଲିଂ, ବେଷ୍ଟ କ୍ୟାଡେଟ୍, ନାଭିଗେସନ୍, ବୋଟ୍ ରିଗିଂ, ସି ମେନ୍ ସିପ୍, ଅବଷ୍ଟାକଲ, ମ୍ୟାପ୍ ରିଡିଙ୍ଗ ଭଳି ଟ୍ରେନିଂ ଦିଆଯାଉଛି। ଏହି ବାର୍ଷିକ ପ୍ରଶିକ୍ଷଣ ଶିବିରରୁ ଆଗାମୀ ଜାତୀୟ କ୍ୟାମ୍ପ ପାଇଁ କ୍ୟାଡେଟ୍‌ମାନଙ୍କୁ ଚୟନ କରାଯିବ।

'ଆୟୁଷ୍ମାନ' ସ୍ୱାସ୍ଥ୍ୟକାର୍ଡକୁ ନେଇ ଉଠିଲା ପ୍ରଶ୍ନ

# ହିତାଧିକାରୀଙ୍କୁ ମିଳୁନି କାର୍ଡ; ବଢୁଛି ଅସନ୍ତୋଷ

■ କାର୍ଡରେ ରହିଛି ବ୍ୟାପକ ତ୍ରୁଟି, ନାହିଁ ସଠିକ ଓ ସମ୍ପୂର୍ଣ୍ଣ ତଥ୍ୟ
■ ହିତାଧିକାରୀ ଚିହ୍ନଟବେଳେ ହଇରାଣ ହେଉଛନ୍ତି ଏଏନ୍‌ଏମ୍ ଓ ଆଶାକର୍ମୀ
■ ୭୦ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ କେବେ ମିଳିବ କାର୍ଡ, ସୂଚନା ନାହିଁ



ବ୍ରହ୍ମପୁର, ୯ ।୬(ସମିସ)

ସରକାର ବଦଳିବା ସହିତ ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବା 'ବିଏସ୍‌କେୱାଇ'ର ସ୍ଥାନ ନେଇଛି ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ବା 'ଏମ୍‌ବିପିଏମ୍‌ଜେଏୱାଇ'। ତେବେ ଘରେ ନ ପଶୁଣୁ ଚାଳ ବାଜିବା ନ୍ୟାୟରେ ତରବରିଆ ଭାବେ ଲାଗୁ କରାଯାଇଥିବା ଏହି ଯୋଜନାକୁ ନେଇ ଲୋକଙ୍କ ପ୍ରଶ୍ନବାଣର ସମ୍ମୁଖୀନ ହେଉଛନ୍ତି ଜନପ୍ରତିନିଧି। ପୂର୍ବରୁ ବିନା ଦ୍ୱିଧାରେ ବିଏସ୍‌କେୱାଇ କାର୍ଡଧାରୀଙ୍କୁ ହାତପାଆନ୍ତାରେ ସମସ୍ତ ସୁବିଧା ଉପଲବ୍ଧ ହେଉଥିଲା। ବର୍ତ୍ତମାନ ହିତାଧିକାରୀ ସ୍ୱାସ୍ଥ୍ୟ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସେବାରୁ ଏକ ରକମର ବଞ୍ଚିତ ହେଉଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ପୂର୍ବରୁ ପ୍ରଚଳିତ ବିଏସ୍‌କେୱାଇ ସ୍ମାର୍ଟକାର୍ଡକୁ ଅଚଳ କରାଯାଇଥିବା ବେଳେ ହିତାଧିକାରୀଙ୍କୁ ନୂତନ ଆୟୁଷ୍ମାନ କାର୍ଡ ଯୋଗାଇବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏପର୍ଯ୍ୟନ୍ତ ବ୍ରହ୍ମପୁର ମହାନଗର ନିଗମକୁ ମିଳିବାକୁ ଥିବା ମୋଟ ୧ଲକ୍ଷ ୭୨ହଜାର ହିତାଧିକାରୀଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଆସିଛି ଶତକଡା ୫୦ଭାଗ ଅର୍ଥାତ୍ ୮୬ହଜାର ୫୪୭ଟି କାର୍ଡ। ଗତ ମେ' ୧୫ତାରିଖରୁ ଆରମ୍ଭ ହୋଇଥିବା ପ୍ରଥମ ପର୍ଯ୍ୟାୟ କାର୍ଡ ବଣ୍ଟନ କାର୍ଯ୍ୟକୁ ଜୁଲାଇ ପ୍ରଥମ ସପ୍ତାହ ସୁଦ୍ଧା ଶେଷ କରିବାକୁ ଟାର୍ଗେଟ ରଖାଯାଇଛି। ତେବେ ବର୍ତ୍ତମାନ ସୁଦ୍ଧା କେବଳ ୩୬ ହଜାର ୮୪୭ ଜଣ ହିତାଧିକାରୀଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟକାର୍ଡ ବା ଆୟୁଷ୍ମାନ ଭାରତ କାର୍ଡ ବଣ୍ଟା ଯାଇପାରିଛି। ଫଳରେ ପ୍ରଥମ ପର୍ଯ୍ୟାୟର ଅବଶିଷ୍ଟ ୫୪ହଜାର ୬୫୫ଟି କାର୍ଡ ବ୍ରହ୍ମପୁର ମହାନଗର ନିଗମର ବିଭିନ୍ନ ୱାର୍ଡ ଅଫିସରେ ଅଥବା ନିର୍ଦ୍ଧାରିତ ୨୫ଟି କେନ୍ଦ୍ରରେ ପଡିରହିଛି। କାର୍ଡ ବଣ୍ଟନ କାର୍ଯ୍ୟରେ ୧୧୪ଜଣ ଆଶାକର୍ମୀ ଓ ୪୨ଜଣ ଏଏନ୍‌ଏମ୍ ନିୟୋଜିତ ଅଛନ୍ତି। ସବୁଠାରୁ ବଡ଼କଥା ହେଲା ହିତାଧିକାରୀଙ୍କୁ ବଣ୍ଟନ କରାଯାଉଥିବା ଆୟୁଷ୍ମାନ କାର୍ଡରେ ବ୍ୟାପକ ତ୍ରୁଟି ରହିଥିବା ବେଳେ ହିତାଧିକାରୀଙ୍କ ବାପାଙ୍କ ନାମ ଓ ଠିକଣା ମଧ୍ୟ ଉଲ୍ଲେଖ କରାଯାଇନାହିଁ। ଏପରିକି ବ୍ରହ୍ମପୁର ମହାନଗର ନିଗମ ସ୍ଥାନରେ ବ୍ରହ୍ମପୁର ପୌରପାଳିକା ଓ ପୁରୁଣା ୱାର୍ଡ ନମ୍ବର ଲେଖାଯାଇଥିବା ଦେଖିବାକୁ ମିଳିଛି। ଫଳରେ ବହୁ ହିତାଧିକାରୀ ଓ ସେମାନଙ୍କ ଠିକଣା ଜାଣି ସେମାନଙ୍କ ନିକଟରେ ଆୟୁଷ୍ମାନ ଭାରତ କାର୍ଡ ପହଞ୍ଚାଇବାରେ ଏହି କାର୍ଯ୍ୟରେ ନିୟୋଜିତ ଏଏନଏମ୍ ଓ ଆଶାକର୍ମୀଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡିଛି। ଫଳରେ ହିତାଧିକାରୀଙ୍କ ନିକଟରେ ସେମାନଙ୍କ ସ୍ୱାସ୍ଥ୍ୟକାର୍ଡ ନପହଞ୍ଚି ବିଭିନ୍ନ କେନ୍ଦ୍ର ଓ ୱାର୍ଡ ଅଫିସରେ ପଡି ରହିଥିବା ଦେଖିବାକୁ ମିଳିଛି। ସେହିଭଳି ୭୦ବର୍ଷ ବା ତା'ଠାରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ହିତାଧିକାରୀମାନେ ଦୀର୍ଘ ଦିନରୁ ପଞ୍ଜିକରଣ କରିସାରିଥିଲେ ହେଁ ସେମାନଙ୍କୁ କେବେ ସ୍ମାର୍ଟକାର୍ଡ ଉପଲବ୍ଧ ହେବ ସେନେଇ କାହା ନିକଟରେ ସଠିକ ତଥ୍ୟ କିମ୍ବା ସୂଚନା ମଧ୍ୟ ନଥିବା ଜଣାପଡିଛି। ଏଭଳି ପରିସ୍ଥିତିରେ ହିତାଧିକାରୀମାନଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଯାହାକୁ ନେଇ ସବୁ ମହଲରେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଯୋଜନା ଓ ସ୍ୱାସ୍ଥ୍ୟକାର୍ଡକୁ ନେଇ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

### ବ୍ରହ୍ମପୁରରେ ଖେଳପଡ଼ିଆର କୃତ୍ରିମ ଅଭାବ

# ଖେଳାଳିଙ୍କୁ ମିଳୁନି ସୁଯୋଗ; କ୍ରୀଡ଼ାର ବିକାଶରେ ବାଧା





**ବ୍ରହ୍ମପୁର, ୯ ।୬ (ସମିସ):** ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ତଥା ସ୍ମାର୍ଟସିଟି ବ୍ରହ୍ମପୁରରେ ଖେଳପଡ଼ିଆର ଘୋର ଅଭାବ ଦେଖାଦେଇଛି। ସହରରେ ହାତଗଣତି ୭ଟି ପଡିଆ ରହିଥିବା ବେଳେ ସେଥିମଧ୍ୟରୁ କୌଣସି ଗୋଟିଏ ମଧ୍ୟ ବିଭିନ୍ନ କାରଣରୁ ବ୍ୟବହାର ଉପଯୋଗୀ ନୁହେଁ। ଖରାଦିନ ଛୁଟି ଚାଲିଥିବା ବେଳେ ଆସନ୍ତା ୨୦ତାରିଖରେ ସମସ୍ତ ଶିକ୍ଷାନୁଷ୍ଠାନ ଖୋଲିଯିବ। ଛୁଟି ସମୟରେ ପିଲାଙ୍କର ଇଛା ଥାଏ ଖେଳି ବୁଲି ସମୟ ବିତାଇବାକୁ। ହେଲେ ସହରରେ ଖେଳପଡିଆର କୃତ୍ରିମ ଅଭାବ ବର୍ତ୍ତମାନ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ମହାତ୍ମାଗାନ୍ଧୀ ଷ୍ଟାଡିୟମ ଭିତରକୁ ପ୍ରବେଶ ଉପରେ ରହିଛି କଟକଣା। ଏମ୍‌କେସିଜି ମେଡିକାଲ କଲେଜ ଖେଳପଡିଆରେ ଅନୁରୁପ ଭାବେ ନିର୍ଦ୍ଧାରିତ ସମୟ ସହିତ ପ୍ରବେଶ ଉପରେ ରହିଛି କଟକଣା। ବର୍ଷ ବର୍ଷ ଧରି ସିଟି ହାଇସ୍କୁଲ ଖେଳପଡିଆକୁ ଗୋଦାମରେ ପରିଣତ କରାଯାଇଛି। ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆ ଉପରେ ମୁଖ୍ୟତଃ ସହରର ଅଧିକାଂଶ ଜନସାଧାରଣ ଓ ଖେଳାଳି ନିର୍ଭର କରୁଥିବା ବେଳେ ବର୍ତ୍ତମାନ ସେଠାରେ ପ୍ରଶାସନ ପକ୍ଷରୁ 'ବିକାଶ ମେଳା' କାର୍ଯ୍ୟକ୍ରମର ଆୟୋଜନ ପାଇଁ ପ୍ରସ୍ତୁତି ଚାଲିଛି। ଫଳରେ ଦୀର୍ଘ ୧୫ଦିନ ପର୍ଯ୍ୟନ୍ତ ଏହି ଖେଳପଡ଼ିଆ ଖେଳାଳିଙ୍କ ପାଇଁ ଏପରିକି ଜନସାଧାରଣଙ୍କ ପାଇଁ ବ୍ୟବହାର ଉପଯୋଗୀ ସମ୍ଭବ ନୁହେଁ। ଇଞ୍ଜିନିୟରିଂ ସ୍କୁଲ ଖେଳପଡ଼ିଆରେ ମଧ୍ୟ ଅନୁରୁପ ଭାବେ ଅନ୍ୟ ଏକ ବ୍ୟବସାୟିକ ମେଳାର ଆୟୋଜନ ପାଇଁ ଚାଲିଛି ପ୍ରସ୍ତୁତି। ଏଭଳି ପରିସ୍ଥିତିରେ ବର୍ତ୍ତମାନ ବାକି ରହିଲା କେବଳ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ଓ କେସି ହାଇସ୍କୁଲ ଖେଳପଡିଆ। ଯାହା ସହରବାସୀଙ୍କ ପାଇଁ ଯଥେଷ୍ଟ ନୁହେଁ।

ଖେଳପଡିଆର ଅଭାବକୁ ଦୃଷ୍ଟିରେ ରଖି ତଥା ଖେଳର ବିକାଶ ଓ ଖେଳାଳିଙ୍କ ସୁବିଧା ପାଇଁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନଭେମ୍ବର ମାସରେ ଅନୁଷ୍ଠିତ ସିଣ୍ଡିକେଟ ବୈଠକରେ ଏକ ବଡ଼ ନିଷ୍ପତ୍ତି ନେଇଥିଲେ। ଖେଳପଡିଆରେ ପୂର୍ବଭଳି ଖେଳ ବ୍ୟତିତ ଅନ୍ୟ କୌଣସି କାର୍ଯ୍ୟକ୍ରମ କରାଯିବ ନାହିଁ। ଏପରିକି ଏଭଳି ନିଷ୍ପତ୍ତି ପରେ ଅନେକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ପୂର୍ବରୁ ଦିଆଯାଇଥିବା ଅନୁମତିକୁ ମଧ୍ୟ ରଦ୍ଦ କରିଦେଇଥିଲେ। ତେବେ ଏକ ମହତ ଉଦ୍ଦେଶ୍ୟରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏଭଳି ନିଷ୍ପତ୍ତିକୁ କ୍ରୀଡାବିତ୍‌ଙ୍କ ସମେତ ସହରବାସୀ ସ୍ୱାଗତ କରିଥିଲେ। ତେବେ ୬ମାସ ନ ବିତୁଣୁ ନିଜ ନିଷ୍ପତ୍ତିକୁ ବଦଳାଇ ଦେଇଛନ୍ତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ। ଜିଲ୍ଲା ପ୍ରଶାସନର ଚାପରେ ବିକାଶ ମେଳା ତଥା ଓର୍ମାସ ପକ୍ଷରୁ ପଲ୍ଲିଶ୍ରୀ ମେଳା ଆୟୋଜନ ପାଇଁ ଅନୁମତି ଦେଇଥିବା ଜଣାପଡିଛି। ଏହି ମେଳା ଚଳିତ ମାସ ୧୨ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବେଳେ ଗତ ୫ତାରିଖ ଠାରୁ ଖେଳପଡିଆକୁ ନିଜ କବ୍‌ଜାକୁ ନେଇ ଆରମ୍ଭ ହୋଇଛି ପ୍ରସ୍ତୁତି। ଯଦ୍ୱାରା ଖେଳାଳି ଓ ଜନସାଧାରଣଙ୍କ ନିୟମିତ ଅଭ୍ୟାସରେ ବାଧକ ସାଜିଛି। ଅନୁରୁପ ଭାବେ ଇଂଜିନିୟରିଂ ସ୍କୁଲ ଖେଳପଡିଆରେ ଅନ୍ୟ ଏକ ବ୍ୟବସାୟିକ ମେଳା ପାଇଁ ଚାଲିଛି ପ୍ରସ୍ତୁତି। ବିଭିନ୍ନ କର୍ତ୍ତୃପକ୍ଷଙ୍କ ଦ୍ୱାରା ସହରରେ ଖେଳପଡିଆର କୃତ୍ରିମ ଅଭାବ ସୃଷ୍ଟି କରାଯାଇଛି। ଯାହାଫଳରେ କ୍ରୀଡ଼ାର ବିକାଶ ସହିତ ଜନସାଧାରଣଙ୍କ ନିୟମିତ ଅଭ୍ୟାସରେ ବାଧା ଉପୁଜିଛି। ଯାହାକୁ ନେଇ ସହରର ବୁଦ୍ଧିଜୀବୀ, କ୍ରୀଡ଼ାବିତ, ଛାତ୍ରଛାତ୍ରୀ ଓ ଅଭିଭାବକ ସମସ୍ତେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଦିଗରେ ରାଜ୍ୟ ସରକାରଙ୍କ କ୍ରୀଡ଼ାବିଭାଗ ଓ ଉଚ୍ଚଶିକ୍ଷା ବିଭାଗ ହସ୍ତକ୍ଷେପ କରିବାକୁ ବିଭିନ୍ନ ମହଲରେ ମତପ୍ରକାଶ ପାଇଛି।

- ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପଡ଼ିଆରେ 'ବିକାଶ ମେଳା', ଇଂଜିନିୟରିଂ ସ୍କୁଲ ପଡିଆରେ 'ବ୍ୟାବସାୟିକ ମେଳା'
- ଦୀର୍ଘବର୍ଷ ଧରି ଗୋଦାମ ପାଲଟିଛି ସିଟି ହାଇସ୍କୁଲ ଖେଳପଡିଆ; ବଢ଼ିଲା ଅଭିଭାବକ ଓ କ୍ରୀଡ଼ାବିତ୍‌ଙ୍କ ଚିନ୍ତା

### ● ଜି.ଉଦୟଗିରି ଠାକୁରାଣୀ ଯାତ୍ରା

# ପଞ୍ଚ ଠାକୁରାଣୀଙ୍କ ନଗର ପରିକ୍ରମା



**ଜି.ଉଦୟଗିରି, ୯ ।୬ (ସମିସ):** ଜି.ଉଦୟଗିରିରେ ଚାଲିଥିବା ଠାକୁରାଣୀ ଯାତ୍ରାର ତୃତୀୟ ଦିନରେ ନଗର ପରିକ୍ରମା କରିଛନ୍ତି ପଞ୍ଚ ଠାକୁରାଣୀ। ଅସ୍ଥାୟୀ ମଣ୍ଡପରେ ଦୈନିକ ରୀତିନୀତି ହେବା ସହିତ ସନ୍ଧ୍ୟା ଆଳତୀ ପରେ ନଗର ପରିକ୍ରମାରେ ମା ବାହାରିଥିଲେ। ମା ସେସିବାଲି, ମା ତାରାତାରିଣୀ, ମା କନ୍ଧୁଣୀ ଦେବୀ, ଗ୍ରାମଦେବତୀଙ୍କ ସହିତ ମା ବରାଳିନୀଙ୍କ ଘଟ ନଗର ପରିକ୍ରମା କରିଛନ୍ତି। ପ୍ରଥମ ଦିନରେ ଲକ୍ଷ୍ମୀ ବଜାର, ଗାନ୍ଧୀ ଛକ ଦେଇ ବରାଳିନୀ ସାହିରେ ଭୋଗ ସାରିବା ପରେ ସୁବାଷନଗର, ଗୌଡ ସାହି ଦେଇ ଅସ୍ଥାୟୀ ମଣ୍ଡପକୁ ଫେରିଛନ୍ତି।

ମଙ୍ଗଳବାର ଦିନ ପଦାସାହି ପରିକ୍ରମା କରିବା କାର୍ଯ୍ୟକ୍ରମ ରହିଛି। ପରିଚାଳନା କମିଟି ତରଫରୁ ନଗର ପରିକ୍ରମା ପାଇଁ ବ୍ୟାପକ ବ୍ୟବସ୍ଥା କରଯାଇଥିବା ବେଳେ ମା'ଙ୍କୁ ନିକଟରୁ ଭକ୍ତି ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରି ଧନ୍ୟ ହୋଇଛନ୍ତି। ନଗର ପରିକ୍ରମା ବେଳେ ସ୍ଥାନୀୟ କଳାକାର ନୃତ୍ୟ ସହିତ ଜିଲ୍ଲା ତଥା ଜିଲ୍ଲା ବାହରୁ ବହୁ ନୃତ୍ୟ ଦଳ ସାମିଲ ହୋଇ କଳା ପ୍ରଦର୍ଶନ କରୁଥିବା ବେଳେ ଶହ ଶହ ଭକ୍ତ ମାଙ୍କ ସହିତ ନଗର ପରିକ୍ରମାରେ ଭାଗ ନେଇଛନ୍ତି।

ସାଂସ୍କୃତିକ କାର୍ଯ୍ୟକ୍ରମରେ ବୁଧବାର ଦିନ ପଦାସାହି ପଡିଆରେ ଯାତ୍ରା ରଙ୍ଗ ମହଲ ଆରମ୍ଭ ହେଉଥିବା ବେଳେ ଏନ୍‌ଏସି ପଡିଆରେ ସନ୍ଧ୍ୟା ବେଳେ ଜୟ ଜଗନ୍ନାଥ ଭଜନ ସନ୍ଧ୍ୟା ପରିବେଷଣ କରାଯିବା କାର୍ଯ୍ୟକ୍ରମ ରହିଥିବା ପରିଚାଳନା କମିଟି ତରଫରୁ କୁହାଯାଇଛି।

# ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି



**ପାରଳାଖେମୁଣ୍ଡି, ୯ ।୬ (ସମିସ):** ଗଜପତି ଜିଲ୍ଲା ଆର୍.ଉଦୟଗିରି ବ୍ଲକ ଡ଼ାବରାଗୁଡା ପଞ୍ଚାୟତ ସମ୍ମିଳନୀ କକ୍ଷରେ ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଫାଲ୍‌ଗୁନି ମାଝୀ, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେର୍କେଟା ଯୋଗ ଦେଇ ଡ଼ାବରାଗୁଡା ପଞ୍ଚାୟତ ସମେତ ଛେଲାଗଡ, ମହେନ୍ଦ୍ରଗଡ ଓ ଛେଳିଗଡ଼ ପଞ୍ଚାୟତର ୫୪ ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୮ ଓ ଗ୍ରାମଭିତ୍ତିକ ସମସ୍ୟା ୪୬ ରହିଥିଲା। ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣିରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଜଣକୁ ହ୍ୱିଲଚେୟାର ବଣ୍ଟନ କରାଯାଇଥିଲା। ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା, ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ଭଳି ବିଭିନ୍ନ ସମସ୍ୟା ଜନିତ ଅଭିଯୋଗ ଆସିଥିଲା। ଶୁଣାଣିରେ ରା.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲାରୀମନ ଖର୍ସେଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ମହମ୍ମଦ ମୁବାରଖ ଅଲ୍ଲୀ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ସନ୍ତୋଷ କୁମାର ନାୟକ ଓ ସ୍ଥାନୀୟ ସରପଞ୍ଚ ଓ ଜନପ୍ରତିନିଧି ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବିନା ସୂଚନାରେ ମିଟର ବଦଳ ନେଇ ଥାନାରେ ଏତଲା

**ବେଲଗୁଣ୍ଠା, ୯ ।୬ (ସମିସ):** ଗାଙ୍ଗପୁର ଥାନା ଅନ୍ତର୍ଗତ ବରପଲ୍ଲୀ ଗ୍ରାମରେ ବିଦ୍ୟୁତ ସରବରାହ ସଂସ୍ଥା ବିନା ସୂଚନାରେ ମିଟର ବଦଳ କରିଛି। ଗ୍ରାମର ସ୍ୱର୍ଗତ ଅରକ୍ଷୀତ ପାଢ଼ୀଙ୍କ ଘର ବନ୍ଦ ଥିଲା। ଏହା ସତ୍ତ୍ୱେ ବିନା ସୂଚନାରେ ନିଜକୁ ଟାଟା ପାୱାର କର୍ମଚାରୀ କହି ଭଲ ଚାଲୁଥିବା ମିଟରକୁ ବଦଳାଇଥିଲେ। ନୂଆ ସ୍ମାର୍ଟ ମିଟର ଲଗାଇ ପୁରୁଣା ଚାଲୁଥିବା ମିଟରକୁ ସାଙ୍ଗରେ ନେଇଗଲେ। ସାହି ପଡୋଶୀଙ୍କ ବାରଣ ସତ୍ତ୍ୱେ ବଦଳାଇ ଚାଲିଗଲେ। ସାହି ପଡ଼ୋଶୀଙ୍କଠାରୁ ଖବର ପାଇ ତାଙ୍କ ବୋହୁ ସସ୍ମିତା ପାଣିଗ୍ରାହୀ ଏସ୍‌ଡିଓ, ନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ। ତା ପରେ ତାଙ୍କ ମୋବାଇଲକୁ ଏକ ମେସେଜ ଆସିଥିଲା। ଅଭିଯୋଗ ନଥାଇ ସମସ୍ୟା ସମାଧାନ କଲୁ ବୋଲି ମେସଜର ଏକ ଲେଖା ମୋବାଇଲକୁ ଆସିଥିଲା। ତେବେ ଏହି ଘଟଣାର କିଛି ସମାଧାନ ନଥାଇ ସ୍ମାର୍ଟମିଟର ଉପକାରିତା ବିଷୟରେ ମୋବାଇଲକୁ କର୍ତ୍ତୃପକ୍ଷଙ୍କ ପକ୍ଷରୁ ମେସେଜ ଆସିଥିଲା। ଏହାର କୌଣସି ନ୍ୟାୟ ନ ପାଇ ଅଭିଯୋଗକାରୀ ଗାଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ତେବେ ଏହି ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ବିନା ସୂଚନାରେ ବନ୍ଦ ଘରେ ମିଟର ବଦଳାଇବା କୌଣସି ନିୟମ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି। ଏହାର ତୁରନ୍ତ ସମାଧାନ କରିବା ପାଇଁ ଦାବି ହୋଇଛି। ବିନା ସୂଚନାରେ ମିଟର ବଦଳାଇବା ସମ୍ବିଧାନିକ ଅଧିକାର ଖୁଣ୍ଡ ହୋଇଛି ବୋଲି ଅଭିଯୋଗକାରୀ ସସ୍ମିତା ପାଣିଗ୍ରାହୀ କହିଛନ୍ତି।

- ଅଭିଯୋଗ ନଥାଇ ସମାଧାନ ମେସେଜ
- ସମସ୍ୟା ଶୁଣୁନାହାନ୍ତି ବିଦ୍ୟୁତ୍ ଅଧିକାରୀ

# ସୌରା ପାହାଡ଼ ଡବଲ ମର୍ଡର ମାମଲା; ୧୮ ରେ ଚୂଡ଼ାନ୍ତ ରାୟ

**ବ୍ରହ୍ମପୁର, ୯।୬ (ସମିସ):** ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ପାଳଝାଡ଼ି ଗ୍ରାମର ବହୁଚର୍ଚ୍ଚିତ ବିଜେଡି ନେତା ସୁଦର୍ଶନ ସୁଆର ଓ ସୁଧୀର ପାତ୍ର ହତ୍ୟା ମାମଲା। ସୋମବାର ଏଡିଜେ-୩ ବିବସ୍ୱତ ଗୌତମଙ୍କ କୋର୍ଟରେ ଉକ୍ତ ଡବଲ ମର୍ଡର ମାମଲାର ଉଭୟ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଏପିପି ଓ ମୁଦୁଲାଙ୍କ ଓକିଲଙ୍କ ମଧ୍ୟରେ ଜବାବ ସୁଆଲ ସରିଛି। ଆସନ୍ତା ୧୮ ରେ ଉକ୍ତ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇବ ବୋଲି ଏପିପି ରଜତ କୁମାର ଦାଶ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗତ ପଞ୍ଚାୟତ ନିର୍ବାଚନ ପରେ ପାଳଝାଡ଼ି ଗ୍ରାମର ପ୍ରଶାନ୍ତ ଗୌଡ଼ଙ୍କ ସ୍ତ୍ରୀ ପରାଜିତ ହୋଇଥିଲେ। ଉକ୍ତ ଗ୍ରାମର ସୁଦର୍ଶନ ସୁଆର ଓ ସୁଧୀର ପାତ୍ରଙ୍କ ବିରୋଧ ଯୋଗୁ ତାଙ୍କ ସ୍ତ୍ରୀ ପରାଜିତ ହୋଇଥିବା ପ୍ରଶାନ୍ତ ଅଭିଯୋଗ କରି ସେମାନଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ପରେ ସେ ଓ ତାଙ୍କ ସହଯୋଗୀମାନେ ସଂଘବଦ୍ଧ ଭାବେ ସୁଦର୍ଶନ ଓ ସୁଧୀରଙ୍କୁ ଆକ୍ରମଣ କରି ହତ୍ୟା କରିଥିଲେ। ଦିଗପହଣ୍ଡି ପୁଲିସ ନଂ.୧୪୫/୨୨ ରେ ଏକ ମାମଲା ରୁଜୁ କରିଥିଲା। ଘଟଣାର ଅନୁସନ୍ଧାନ କରି ପୁଲିସ ପର୍ଯ୍ୟାୟକ୍ରମେ ମୁଖ୍ୟ ଅଭିଯୁକ୍ତ ପାଳଝାଡ଼ି ଗ୍ରାମର ପ୍ରଶାନ୍ତ ଗୌଡ଼ ସମେତ ତାଙ୍କର ଅନ୍ୟ ସହଯୋଗୀ ସୁମନ୍ତ ନାହାକ, କୃଷ୍ଣଚନ୍ଦ୍ର ଗୌଡ଼, ବସନ୍ତ କୁମାର ଗୌଡ଼, ସିଦ୍ଧାନ୍ତ ଗୌଡ଼, ସନ୍ତୋଷ ପ୍ରଧାନ, ଚମାଖଣ୍ଡି ଥାନା ଜଗନ୍ନାଥପୁରର ବି. ଦେବରାଜ ରେଡ୍ଡୀ, ସଦର ଥାନା ଲାଠୀ ଗ୍ରାମର କୁନା ଗୌଡ଼ ଓ କୁକୁଡ଼ାଖଣ୍ଡିର ବୁଡୁ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ବାଇକ୍‌ରୁ ଖସି ମହିଳା ଗୁରୁତର

**ବୁଗୁଡା, ୯ ।୬ (ସମିସ):** ସ୍ଥାନୀୟ ଷୋଳମଇଲି ଗାଁ ନିକଟରେ ବାଇକରୁ ଖସିପଡି ଜଣେ ମହିଳା ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଛନ୍ତି। ସେ ହେଲେ ପୋଲସରା ବ୍ଲକ ଅନ୍ତର୍ଗତ ଖୁଣ୍ଟିଖୁଣ୍ଟା ଗ୍ରାମର ନୟନୀ ଡାକୁଆ(୩୦)। ସୋମବାର ସନ୍ଧ୍ୟାରେ ବର୍ଷା ପବନ ହେଉଥିବାବେଳେ ନୟନୀ ତାଙ୍କ ଜଣେ ସମ୍ପର୍କୀୟଙ୍କ ବାଇକରେ ବସି ବୁଗୁଡା ଅଭିମୁଖେ ଆସୁଥିବା ବେଳେ ବାଇକ୍‌ରୁ ଖସି ପଡିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କୁ ପ୍ରଥମେ ବୁଗୁଡା ମେଡିକାଲ ଓ ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

# ବିର୍ସାମୁଣ୍ଡାଙ୍କୁ ବିଜେପିର ଶ୍ରଦ୍ଧାଞ୍ଜଳି



**ଜି.ଉଦୟଗିରି, ୯।୬ (ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବିଜେପି ଅନୁସୂଚିତ ଜନଜାତି ମୋର୍ଚ୍ଚା ତରଫରୁ ଭଗବାନ ବିର୍ସାମୁଣ୍ଡା ପୂଣ୍ୟ ତିଥିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ତାଙ୍କର ସ୍ମୃତିଚାରଣ କରାଯିବା ସହିତ ଅବଦାନକୁ ମନେ ପକାଇଥିଲେ। ବିଜେପି ଜିଲ୍ଲା ସାଧାରଣ ସଂପାଦକ ମାନଗୋବିନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ କର୍ମୀ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ସହିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି ପ୍ରିୟବ୍ରତ ସାହୁ, ମନୋଜ ମହାପାତ୍ର, ଅନୀଲ କୁମାର ପଟ୍ଟନାୟକ, ଜ୍ଞାନ ଚନ୍ଦ୍ର ପ୍ରଧାନ ଓ ପ୍ରଶାନ୍ତ ବରର୍ତ୍ତି ଯୋଗ ଦେଇଥିଲେ।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ଖ୍ରୀଷ୍ଟିୟାନ୍ ମୋର୍ଚ୍ଚାର ସ୍ମାରକପତ୍ର



**ପାରଳାଖେମୁଣ୍ଡି, ୯ ।୬ (ସମିସ):** ରାଷ୍ଟ୍ରୀୟ ଖ୍ରୀଷ୍ଟିୟାନ ମୋର୍ଚ୍ଚା, ଭାରତ ମୁକ୍ତି ମୋର୍ଚ୍ଚା, ନୂଆଦିଲ୍ଲୀର ଆହ୍ୱାନ କ୍ରମେ ରାଷ୍ଟ୍ରବ୍ୟାପୀ ରାଷ୍ଟ୍ରୀୟ ଖ୍ରୀଷ୍ଟିୟାନ ମୋର୍ଚ୍ଚା ପକ୍ଷରୁ ଜିଲ୍ଲା ପ୍ରଶାସନ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରୀୟ ଖ୍ରୀଷ୍ଟିୟାନ୍ ମୋର୍ଚ୍ଚା ଗଜପତି ଜିଲ୍ଲା ଶାଖା ପକ୍ଷରୁ ଆମୋଦ ବର୍ଦ୍ଧନଙ୍କ ନେତୃତ୍ୱରେ ଏକ ଦଳ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦେଶର ବହୁ ରାଜ୍ୟରେ ବୃଦ୍ଧି ପାଉଥିବା ହିଂସା, ଭେଦଭାବ ଏବଂ ବ୍ୟବସ୍ଥାଗତ ଅନ୍ୟାୟ, ବିଶେଷକରି ଏସ୍‌ସି, ଏସ୍‌ଟି ଓ ଓବିସି ପୃଷ୍ଠଭୂମିର ଖ୍ରୀଷ୍ଟିୟାନ ସମ୍ମୁଖୀନ ହେଉଛନ୍ତି। ନ୍ୟାୟ, ସମାନତା ଏବଂ ଧର୍ମନିରପେକ୍ଷତାର ରକ୍ଷା କରିବା, ସମସ୍ତ ହିଂସାର ନିରପେକ୍ଷ ତଦନ୍ତ କରି ଅପରାଧୀଙ୍କୁ ଦଣ୍ଡିତ କରିବା, ଧାର୍ମିକ ସମାନତା ଏବଂ ସ୍ୱାଧୀନତାକୁ ବଜାୟ ରଖିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା, ଅନୁସୂଚିତ ଜାତି ଖ୍ରୀଷ୍ଟିଆନ ସଂରକ୍ଷଣ ପ୍ରସଙ୍ଗରେ ସୁପ୍ରିମକୋର୍ଟର ଶୁଣାଣିକୁ ତ୍ୱରାନ୍ୱିତ କରିବା, ଖ୍ରୀଷ୍ଟିଆନ ସମ୍ପ୍ରଦାୟ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ସାମ୍ପ୍ରଦାୟିକ ସଦ୍ଭାବନା ପାଇଁ ଏକ ଜାତୀୟ ମଞ୍ଚ ପ୍ରତିଷ୍ଠା କରିବା ଉପରେ ଗୁରୁତ୍ୱ ଦେବାକୁ ନିବେଦନ କରାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଫୁଲବାଣୀ ସ୍ୱେଚ୍ଛାସେବୀ ମହାସଂଘର ଦାବିପତ୍ର

**ଫୁଲବାଣୀ, ୯।୬ (ସମିସ):** ବିକଶିତ ଓଡ଼ିଶା ନାରା ଦେଇ ମୁଖ୍ୟମନ୍ତ୍ରୀ କନ୍ଧମାଳ ଜିଲ୍ଲା ଗସ୍ତ କରିଥିଲେ। ଏହି ଅବସରରେ ଜିଲ୍ଲାର ଥିବା ବିଭିନ୍ନ ବିକାଶର ଦିଗକୁ ଆଲୋକପାତ କରି ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ୟକ୍ତିଗତ ସଚିବ ତ୍ରିଲୋଚନ ମହାନ୍ତିଙ୍କ ଜରିଆରେ ଫୁଲବାଣୀ ସ୍ୱେଚ୍ଛାସେବୀ ମହାସଂଘ ପକ୍ଷରୁ ପ୍ରଦାନ କରାଯାଇଛି।

କନ୍ଧମାଳ ଜିଲ୍ଲାକୁ ଜୈବିକ କୃଷି ଜିଲ୍ଲା ଭାବେ ଘୋଷଣା, କୁଇଭାଷାର ଗବେଷଣାକୁ ଗୁରୁତ୍ୱ, ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ହସ୍ତାନ୍ତର ତ୍ୱରାନ୍ୱିତ , ଦାରିଙ୍ଗବାଡିର ବ୍ରାହ୍ମଣୀଗାଁ ଓ ଫିରିଙ୍ଗିଆର ଗୋଛାପଡାକୁ ବ୍ଲକ୍ ମାନ୍ୟତା, ଦାରିଙ୍ଗବାଡିକୁ ଏନ୍‌ଏସି ମାନ୍ୟତା, ଜି.ଉଦୟଗିରିରେ ରକ୍ତଭଣ୍ଡାର ଓ ପୁଷ୍ଟି ପୁର୍ନନିବାଶ କେନ୍ଦ୍ର (ଏନଆରସି) ସ୍ଥାପନ ଦାବି କରାଯାଇଛି।

ଏଥିସହିତ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ କାମକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଉଦ୍ଦିଷ୍ଟ ଜିଲ୍ଲା ଓ ବ୍ଲକ୍‌ସ୍ତରରେ ସମନ୍ୱୟ ବୈଠକକୁ ଗୁଡିକୁ ଗୁରୁତ୍ୱ ଦେଇ ନିୟମିତ କରାଇବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ମହାସଙ୍ଘ ଅଧ୍ୟକ୍ଷ ରାମଚନ୍ଦ୍ର ଦାଶ, ଆବାହକ ଇଂ. ହରିଶଙ୍କର ରାଉତ, ପରିଚାଳନା କମିଟି ସଦସ୍ୟ ପଞ୍ଚାନନ ମିଶ୍ର, ଅଶୋକ କୁମାର ପ୍ରଧାନ ଓ ସଦସ୍ୟ ଭାବେ ବିଶ୍ୱଜିତ ସାହୁ ଉପସ୍ଥିତ ଥିଲେ।

### ମରଣଯନ୍ତା ପାଲଟିଛି ତୁମୁଡ଼ିବନ୍ଧ-ମୁନିଗୁଡ଼ା ରାଜ୍ୟ ରାଜପଥ

# ରାସ୍ତାସାରା ଖାଲ; ମରାମତି ନାଁରେ ଅର୍ଥ ହେର୍‌ଫେର



**ତୁମୁଡିବନ୍ଧ, ୯।୬ (ସମିସ):** ରାଜ୍ୟରେ ଦୁର୍ଘଟଣାକୁ ରୋକିବାକୁ ସରକାର ଅନେକ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି। ଗାଡ଼ି ଚାଳକଙ୍କୁ ସୁଧାରିବା ନିମନ୍ତେ ଦିନକୁ ଦିନ ଚାଲାଣ ଅର୍ଥ ବୃଦ୍ଧି ପାଉଛି। ହେଲେ ଦୁର୍ଘଟଣା ବୃଦ୍ଧିର ମୁଖ୍ୟ କାରଣ ଶୋଚନୀୟ ରାସ୍ତା ପ୍ରତି ଦୃଷ୍ଟି ଦିଆଯାଉନ ଥିବା ଅଭିଯୋଗ ହେଉଛି। କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧରୁ ମୁନିଗୁଡାକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥର ଅବସ୍ଥା ନ କହିଲେ ଭଲ। କାରଣ ଦିନକୁ ଦିନ ଏହି ରାସ୍ତା ଖାଲ ଖମାରେ ପରିପୂର୍ଣ୍ଣ ହେବାରେ ଲାଗିଛି। ଫଳରେ ଏହି ରାସ୍ତା ଦେଇ ଯାଉଥିବା ଚାଳକ ଓ ଯାତ୍ରୀ ଅନେକ ଦୁର୍ଘଟଣାର ଶିକାର ହେଉଛନ୍ତି। ତୁମୁଡିବନ୍ଧରୁ କୋଟଗଡ ମଧ୍ୟରେ ଦୁଇ ମାସ ମଧ୍ୟରେ ୧୦ରୁ ଅଧିକ ଦୁର୍ଘଟଣା ଘଟିଲାଣି। ଏଥିରେ ଏକାଧିକ ଲୋକଙ୍କର ମୃତ୍ୟୁ ହୋଇଥିବାର ମଧ୍ୟ ସୂଚନା ରହିଛି। ପୁଲିସ ସ୍ଥାନେ ସ୍ଥାନେ ଚେକିଂ ଓ ପାଟ୍ରୋଲିଂ କରୁଥିଲେ ମଧ୍ୟ ବେପରୁଆ ଓ ଅମାନିଆଙ୍କୁ ରୋକିବାରେ ବିଫଳ ହୋଇଛି। ସବୁଠୁ ବଡ଼କଥା ହେଲା ତୁମୁଡିବନ୍ଧ ସ୍ଥିତ ଆମ୍ବେଦକର ଛକ ନିକଟରେ ରାସ୍ତାର ଗୋଟିଏ ପାଶ୍ୱର୍ରେ ଦଶରୁ ଅଧିକ ଖାଲଖମା ସୃଷ୍ଟି ହୋଇଛି। ଏଥିଯୋଗୁ ଉକ୍ତ ସ୍ଥାନରେ ଦୁର୍ଘଟଣା ଘଟୁଛି। ଆମ୍ବେଦକର ଛକ କଳାହାଣ୍ଡି, ମୁନିଗୁଡା ଓ ବାଲିଗୁଡାକୁ ସଂଯୋଗ କରୁଛି। ଏହି ରାସ୍ତା ଦେଇ ଗତ ଏକ ବର୍ଷ ମଧ୍ୟରେ ଅନେକ ନେତା ମନ୍ତ୍ରୀ ଯାତାୟାତ କରିଛନ୍ତି କିନ୍ତୁ ଦୁର୍ଭାଗ୍ୟର ବିଷୟ ରାସ୍ତାର ଖାଲଖମା ଉପରେ କାହାର ନଜର ପଡୁନାହିଁ। ବର୍ତ୍ତମାନ ଖରାଦିନ ହୋଇଥିବାରୁ ଗାଡି ଚାଳକ ଖାଲକୁ ଅତି ସହଜରେ ଦେଖିପାରୁଛନ୍ତି। ବର୍ଷା ଆସିଲେ ଖାଲରେ ପାଣି ଜମିଗଲେ ରାସ୍ତା ଜଣାପଡୁନାହିଁ। ଫଳରେ ଦୁର୍ଘଟଣା ବୃଦ୍ଧି ପାଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ରାସ୍ତାର ଖାଲକୁ ପୋତିବାକୁ ପ୍ରଶାସନ ପକ୍ଷରୁ କାମ ଆରମ୍ଭ ହୋଇଥିଲା। କିନ୍ତୁ ତାହା ଠିକ ଭାବରେ ହୋଇ ନଥିବା ଅଭିଯାଗ ହୋଇଛି। ସିମେଣ୍ଟ ଓ ଚିପ୍ସକୁ କାଦୁଅ କଂକ୍ରିଟ ପାଗ କରି ରାସ୍ତାରେ ଥିବା ଖାଲରେ ପକାଇ ଦିଆଯାଉଛି। ଏଭଳି କାମ ଯୋଗୁଁ ବର୍ଷା ଆସିଲେ ସିମେଣ୍ଟ ଧୋଇ ହୋଇଯାଉଛି। ଖାଲରେ କେବଳ ଚିପ୍ସ ଉପର ମୁହାଁ ହୋଇରହୁଛି। ଏହା ଦୁର୍ଘଟଣାର ଆଉ ଏକ କାରଣ ହେଉଛି। ଯନ୍ତ୍ରୀ ଓ ଠିକାଦାର ମିଶି ମରାମତି ନାଁ ରେ ଅର୍ଥ ଚଲୁ କରିଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ସଠିକ ଭାବେ ମରାମତି ନହେଲେ ଠିକାଦାର ଓ ଯନ୍ତ୍ରୀଙ୍କ ବିରୋଧରେ ଉପର ମହଲାରେ ଅଭିଯୋଗ କରିବାକୁ ବାଧ୍ୟ ହେବୁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

# ବରିଷ୍ଠ ଆଇନଜୀବୀଙ୍କ ବିୟୋଗରେ ଶୋକସଭା

**ବ୍ରହ୍ମପୁର, ୯ ।୬(ସମିସ):** ଗଞ୍ଜାମ ଓକିଲ ସଂଘର ବରିଷ୍ଠ ଆଇନଜୀବୀ ପ୍ରଭାତ କୁମାର ପାଢ଼ୀ (୭୬)ଙ୍କ ବିୟୋଗ ଘଟିଛି। ସୋମବାର ଓକିଲ ସଂଘର ଅସ୍ଥାୟୀ ସେଡ୍‌ରେ ଏନେଇ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସେ ଗଞ୍ଜାମ ଓକିଲ ସଂଘର ଜଣେ ବରିଷ୍ଠ ସଦସ୍ୟ ଥିଲେ। ଗତକାଲି ତାଙ୍କର ମୃତ୍ୟୁ ଘଟିଥିଲା। ୧୯୭୪ ମସିହାରୁ ଓକିଲାତି ଆରମ୍ଭ କରିଥିଲେ। ତାଙ୍କର ଦେହାନ୍ତ ଖବର ଶୁଣି ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅସ୍ଥାୟୀ ସମ୍ମିଳନୀ କକ୍ଷରେ ୨ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ଶୋକସନ୍ତପ୍ତ ପରିବାରବର୍ଗଙ୍କ ପାଇଁ ସମବେଦନା ମଧ୍ୟ ଜ୍ଞାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଟି. ଭେଙ୍କେଟ ରାଓ ଓ ସହ ସମ୍ପାଦକ ଅସିତ ସାବତଙ୍କ ସହ ଅନ୍ୟ ଆଇନଜୀବୀ ଉପସ୍ଥିତ ଥିଲେ।

# ବିଧାୟକଙ୍କ କାର୍ଯ୍ୟାଳୟରେ ବିର୍ସା ମୁଣ୍ଡାଙ୍କ ବଳିଦାନ ଦିବସ




**ବ୍ରହ୍ମପୁର, ୯ ।୬(ସମିସ):** ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କ ଗାନ୍ଧୀ ନଗର ସ୍ଥିତ କାର୍ଯ୍ୟାଳୟରେ ସ୍ୱାଧୀନତା ସଂଗ୍ରାମୀ ଶହୀଦ ବିର୍ସା ମୁଣ୍ଡାଙ୍କ ବଳିଦାନ ଦିବସ ଅନୁଷ୍ଠିତ ହୋଇଯାଇଅଛି। ଏହି ସ୍ମୃତିସଭାରେ ବିଧାୟକ ଅନିଲ କୁମାର, ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସରୋଜ ସାବତ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ଼ା ସାଗର ରଞ୍ଜନ ତ୍ରିପାଠୀ ଯୁବ ସମାଜକୁ ବିର୍ସା ମୁଣ୍ଡାଙ୍କ ଆଦର୍ଶ ଓ ଆତ୍ମବଳିଦାନରୁ ପ୍ରେରଣା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଏ ଅବସରରେ ଭାରତୀୟ ଜନତା ପାର୍ଟିର ନେତା ବନମାଳୀ ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ହିଲ୍‌ପାଟଣା ସ୍ଥିତ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ମଧ୍ୟ ବିର୍ସା ମୁଣ୍ଡାଙ୍କ ବଳିଦାନ ଦିବସ ପାଳିତ ହୋଇଥିଲା।

# ମୋବାଇଲ ଚୋରକୁ ଧରି ବାନ୍ଧି ନିର୍ଦ୍ଧୁମ୍ ଛେଚିଲେ

**ବ୍ରହ୍ମପୁର, ୯ ।୬(ସମିସ):** ଲାଞ୍ଜିପଲ୍ଲୀ ନିକଟ ଯାତ୍ରା ପଡିଆରୁ ପୁଲିସ ଜଣେ ମୋବାଇଲ ଚୋରକୁ କାବୁ କରିଛି। ଆଜି ଭୋରୁ ଜଣେ ଯୁବକ ଯାତ୍ରା ପଡିଆରେ ଅସ୍ଥାୟୀ ଭାବେ ରହୁଥିବା ବ୍ୟବସାୟୀଙ୍କ କୁଡିଆରୁ ମୋବାଇଲ ଚୋରି କରୁଥିବା ବେଳେ ଲୋକମାନେ ତାଙ୍କୁ କାବୁ କରି ଦୌଡ଼ିରେ ବାନ୍ଧି ମାଡ଼ ନିର୍ଦ୍ଧୁମ୍ ଛେଚିବା ପରେ ପୁଲିସକୁ ଖବର ଦେଇଥିଲେ। ବୈଦ୍ୟନାଥପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ କାବୁ କରିଥିଲା। ଯାଞ୍ଚ ବେଳେ ପୁଲିସ ଯୁବକଙ୍କ ନିକଟରୁ ୩ଟି ଚୋରି ମୋବାଇଲ ଜବତ କରିଛି। ମା' ତାରାଦେବୀଙ୍କ ଯାତ୍ରା ଉପଲକ୍ଷେ ଲାଞ୍ଜିପଲ୍ଲୀ କେଶବନଗର ନିକଟ ଯାତ୍ରା ପଡ଼ିଆରେ ମିନାବଜାର ପଡିଛି। ଏହି ମିନାବଜାରରେ ବିଭିନ୍ନ କୌତୁହଳ ଦୋଳି ଏବଂ ଦୋକାନବଜାର ଖୋଲିଥିବା ବେଳେ ବ୍ୟବସାୟୀମାନେ ସେହି ଯାତ୍ରା ପଡିଆରେ ହିଁ କୁଡିଆ କରି ରହୁଛନ୍ତି। ଆଜି ସକାଳୁ ଜଣେ ସନ୍ଦିଗ୍ଧ ଯୁବକ ବ୍ୟବସାୟୀଙ୍କ କୁଡିଆ ନିକଟରେ ବୁଲୁଥିବା ଜଣେ ବ୍ୟବସାୟୀ ଦେଖିଥିଲେ। ସମ୍ପୃକ୍ତ ଯୁବକଙ୍କୁ ଡାକି ପଚରାଉଚରା ବେଳେ ସେ ସନ୍ତୋଷଜନକ ଉତ୍ତର ଦେଇପାରିନଥିଲା। ଫଳରେ ଯୁବକଙ୍କୁ କାବୁ କରି ଯାଞ୍ଚ ପରେ ସେ ଧରିଥିବା ଏକ ମୋବାଇଲ ସେଠାରୁ କୁଡିଆରୁ ଚୋରି ହୋଇଥିବା ଜଣାପଡିଥିଲା। ଏହାପରେ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ତେବେ ସେ କେଉଁ କେଉଁ ସ୍ଥାନରୁ କେତୋଟି ମୋବାଇଲ ଚୋରି କରିଛନ୍ତି ସେ ଦିଗରେ ପୁଲିସ ତଦନ୍ତ ଜାରି ରଖିଛି।



# ରେଶମ ସହରରେ ଘଣ୍ଟାଏ ନିର୍ଦ୍ଧୁମ୍ ବର୍ଷିଲା; ଗୁଳୁଗୁଳିରୁ ଆଶ୍ୱସ୍ତି

ବ୍ରହ୍ମପୁର, ୯ ।୬(ସମିସ)



ସୋମବାର ଅପରାହ୍ଣରେ ବ୍ରହ୍ମପୁର ସହରରେ ପ୍ରବଳ ମାତ୍ରାରେ ବର୍ଷା ହୋଇଥିଲା। ଦୀର୍ଘ ଏକ ଘଣ୍ଟା ନିର୍ଦ୍ଧୁମ୍ ଛେଚିବା ପରେ ଝିପି ଝିପି ବର୍ଷା ଲାଗି ରହିଥିଲା। ଫଳରେ ସହରର ଅନେକ ଅଞ୍ଚଳରେ ପାଣି ଜମି ରହିଥିବା ଦେଖିବାକୁ ମିଳିଛି। ବିଶେଷ କରି ସହର ତଳି ଅଞ୍ଚଳ ସମେତ ମୁଖ୍ୟ ସଡ଼କ ଗୁଡ଼ିକରେ ମଧ୍ୟ ବେ୍ କିଛି ସମୟ ଧରି ପାଣି ଜମି ରହିଥିଲା। ସହର ଗାନ୍ଧୀନଗର, ଆଶୋକନଗର, ପ୍ରେମ ନଗର, ଧର୍ମ ନଗର, ଉମା ନଗର ଆଦି ଅଞ୍ଚଳ ସମେତ ପୁରୁଣା ବ୍ରହ୍ମପୁର ଓ ଫାଷ୍ଟଗେଟ ଅଞ୍ଚଳର ବହୁ ସାହିରେ ପାଣି ଜମି ରହିଥିବା ଦେଖିବାକୁ ମିଳିଥିଲା। ଗତ କିଛିଦିନ ହେବ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ମୁଖ୍ୟ ନାଳ ଗୁଡ଼ିକ ସଫେଇ କରାଯାଇଥିବାରୁ ବର୍ଷାପାଣି ସ୍ୱାଭାବିକ ଯାତାୟତ କରିଥିଲା। ଅନ୍ୟପକ୍ଷରେ କିଛି ଦିନ ବ୍ୟବଧାନରେ ହେଉଥିବା ବର୍ଷା ଚାରାରୋପଣ ଲାଗି ଅନୁକୂଳ ପାଗ ସୃଷ୍ଟି କରିଛି। ସହର ଉପକଣ୍ଠର ବିଭିନ୍ନ ଘାଇ, ନାଳ ଓ ପୋଖରୀ ହୁଡ଼ାରେ ବ୍ୟାପକ ଚାରାରୋପଣ ପାଇଁ ବିଭିନ୍ନ ସଂସ୍ଥା ଆଗଭର ହେଉଥିବା ଦେଖିବାକୁ ମିଳିଛି। ଏଥିସହିତ ଗତ ଦୁଇ ଦିନ ଧରି ଜାରି ରହିଥିବା ପ୍ରବଳ ଗୁଳୁଗୁଳିରୁ ସହରବାସୀ ଆଶ୍ୱସ୍ତି ପାଇଛନ୍ତି। କହିବାକୁ ଗଲେ କାଳବୈଶାଖୀ ଜନିତ ବର୍ଷା ସମସ୍ତଙ୍କ ମନରେ ଆନନ୍ଦ ଆଣି ଦେଇଛି। ଲୋକେ ଗରମରୁ ସମ୍ୟକ ମାତ୍ରାରେ ତ୍ରାହି ପାଇଛନ୍ତି।

## ଉପକଣ୍ଠରେ ଚାରାରୋପଣ ଲାଗି ପାଗ ଅନୁକୂଳ

## ଗଛ ଡାଳ ପଡ଼ି ଗାଲ ଫୁଟିଗଲା

**ବୁଗୁଡ଼ା, ୯ ।୬(ସମିସ):** ବୁଗୁଡ଼ା ବ୍ଲକର ଚଢିଆପଲ୍ଲୀ ଗାଁ ନିକଟରେ ଗଛ ଡାଳ ପଡ଼ି ଜଣେ ଆହତ ହୋଇଥିବା ଜଣାଯାଇଛି। ଆହତ ଜଣକ ହେଲେ ବୁଗୁଡା ବ୍ଲକ ଅନ୍ତର୍ଗତ ଟଭାପଲ୍ଲୀ ଗ୍ରାମର ପୂଜାରୀ ନାଇକ(୫୦)। ପ୍ରକାଶ ଯେ, ଆଜି ସନ୍ଧ୍ୟାରେ ବର୍ଷା ପବନ ହେଉଥିବା ବେଳେ ପୂଜାରୀ ଗୋଛାବାଡି ଗ୍ରାମକୁ ଯାଉଥିଲେ। ସେ ଚାଲି ଚାଲି ଯାଉଥିବା ସମୟରେ ଗଛକୁ ବିଜୁଳି ମାଡ ହୋଇଥିଲା ଏବଂ ଗଛର ଏକ ଡାଳ ଭାଙ୍ଗି ପୂଜାରୀଙ୍କ ଉପରେ ପଡ଼ିଥିଲା। ଫଳରେ ତାଙ୍କ ମୁହଁରେ ଆଘାତ ଲାଗିବା ସହ ଗାଲ କଣା ହୋଇଯାଇଥିଲା। ତାଙ୍କୁ ସେଠାରୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବୁଗୁଡା ମେଡିକାଲରେ ଭର୍ତ୍ତି କରିଥିଲେ।

## ତାଳସର ପଞ୍ଚାୟତରେ ଦୁର୍ନୀତି ଅଭିଯୋଗ

# ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲେ ପଞ୍ଚାୟତବାସୀ



**ଛତ୍ରପୁର, ୯ ।୬(ସମିସ):** ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକ ତାଳସର ପଞ୍ଚାୟତରେ ଦର୍ନୀତି କରି ଲକ୍ଷାଧିକ ଟଙ୍କା ହରିଲୁଟ ନେଇ ଅଭିଯୋଗ ହୋଇଛି। ଏହାର ଉପଯୁକ୍ତ ତଦନ୍ତ କରିବା ପାଇଁ ଏନେଇ ସୋମବାର ପୂର୍ବତନ ସରପଞ୍ଚ ରଙ୍କନାଥ ସ୍ୱାଇଁଙ୍କ ନେତୃତ୍ୱରେ ପଞ୍ଚାୟତବାସୀ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟର ଅଭିଷେକ ସାହୁଙ୍କୁ ଭେଟି ଏକ ଲିଖିତ ଦାବିପତ୍ର ପ୍ରଦାନ କେଇଛନ୍ତି। ତାଳସର ପଞ୍ଚାୟତର ଷ୍ଟ୍ରିଟ ଲାଇଟ ମରାମତି ଓ ନୂତନ ସଂଯୋଗ କରିବା ସହ ଏ ବାବଦରେ ହୋଇଥିବା ଦୁର୍ନୀତିର ତଦନ୍ତ କରିବା, ବ୍ୟାପକ ଜଳଛତ୍ର ଖୋଲିବା ସହ ଏ ସମ୍ପର୍କରେ ମଧ୍ୟ ହୋଇଥିବା ଦୁର୍ନିତିର ତଦନ୍ତ କରିବା, ନିୟମିତ ଗ୍ରାମ୍ୟ ସଫେଇ କରାଯିବା ସହ ଏହି ଦୁର୍ନିତୀର ତଦନ୍ତ କରିବା ଏବଂ ବସୁଧା ଯୋଜନା ପଞ୍ଚାୟତର ସମସ୍ତ ହିତାଧିକାରୀଙ୍କୁ ପ୍ରଦାନ କରିବା ସହ ପଞ୍ଚାୟତରେ ସମସ୍ତ ଯୋଜନାକୁ ପଲ୍ଲିସଭା ଓ ଗ୍ରାମ୍ୟ ସଭାକୁ ଉପରିସ୍ତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସଂଗଠିତ କରାଯାଇ ଜନସାଧାରଣଙ୍କ ଆବଶ୍ୟକତା ପୂରଣ ଦିଗରେ ଜନତାଙ୍କୁ ନିଷପତିରେ ଭାଗୀଦାର କରିବା ଲାଗି ସେମାନେ ଏହି ଦାବିପତ୍ର ମାଧ୍ୟମରେ ଦାବି କରିଛନ୍ତି। ଏହି ସମସ୍ତ ଦୁର୍ନୀତିର ତଦନ୍ତ କରାନଗଲେ ଆସନ୍ତା ୧୫ ଦିନ ମଧ୍ୟରେ ପଞ୍ଚାୟତବାସୀଙ୍କ ମୌଳିକ ହକ୍ ସାବ୍ୟସ୍ତ ପାଇଁ ଗଣତାନ୍ତ୍ରିକ ଉପାୟରେ ରାଜରାସ୍ତାକୁ ଓହ୍ଲାଇବେ ସେଥିପାଇଁ ପ୍ରଶାସନ ହିଁ ଦାୟୀ ରହିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ହଂସତୁଳୀ ଗ୍ରାମ୍ୟ କମିଟି ସଭାପତି କୃଷ୍ଣ ସ୍ୱାଇଁ, ସମ୍ପାଦକ ବାବୁ ମହାନ୍ତି, ଅଶୋକ ଜେନା, କମଳ ଲୋଚନ ଗୌଡ଼, ଗଡୁରାମ ଜେନା, ବିଶ୍ୱନାଥ ସାହୁ, ରମେଶ ଚନ୍ଦ୍ର ପଣ୍ଡା, ଚୁଡମଣି ସ୍ୱାଇଁ, ଲକ୍ଷ୍ମୀଧର ସ୍ୱାଇଁ, ବୁଲୁ ପ୍ରଧାନ, ଭଗବାନ ଜେନା, ସୁକାନ୍ତ ଜେନାଙ୍କ ସମେତ ବହୁ ପଞ୍ଚାୟତବାସୀ ମାନେ ଉପସ୍ଥିତ ଥିଲେ।

# ପୂର୍ବତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ




**ସୋରଡା, ୯ ।୬(ସମିସ):** ୧୯୯୭ର ମାଟ୍ରିକ ବ୍ୟାଚର ଗ୍ରୀଷ୍ମକାଳୀନ ଭେଟଘାଟ ବଡଗଡ଼ର ପୋଲକାଶୁଣି ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ସହପାଠୀ ବୃନ୍ଦ ଉପସ୍ଥିତ ସହିତ ଏବଂ କାର୍ଯ୍ୟକ୍ରମର ଆବାହକ ତଥା ଶିକ୍ଷକ ଗନ୍ତାୟତ ଗୌଡ଼ ଓ ଚି ସୁଶାନ୍ତ କୁମାର ପାତ୍ରଙ୍କ ପୌରହିତ୍ୟରେ ଆରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଗଙ୍ଗାଧର ନାୟକ ଏବଂ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପରିଚାଳନା କରିଥିଲେ। ଶିକ୍ଷକ ମାନଙ୍କ ଅନନ୍ୟ ଶିକ୍ଷାଦାନ ଯୋଗୁଁ ୨୪ ଜଣ ଶିକ୍ଷାର୍ଥୀ ନିଜ ନିଜର ଭାଗ ବାଣ୍ଟି ୮ ଜଣ ପ୍ରଥମ ଓ ୮ ଜଣ ଦ୍ୱିତୀୟ ଓ ୮ ଜଣ ତୃତୀୟରେ ସମ୍ପୂର୍ଣ୍ଣ ପାସ୍ ହାର ଆଣି ବ୍ଲକରେ ନିଆରା ପରିଚୟ ନେଇଥିବା ବେଳେ ବ୍ରଜବନ୍ଧୁ ନାୟକ, ଶରତ ଗୌଡ଼ଙ୍କ ପୃଷ୍ଠପୋଷକତାରେ ସୁରେଶ ଗୌଡ଼, ସୂର୍ଯ୍ୟନାରାୟଣ ଗୌଡ, ରବି ଗୌଡ଼, ବୁଲୁ ସେଠୀ, ବିଦେଶୀ ଗୌଡ଼, ହରି ନାୟକ, ପାଣ୍ଡବ ଦଳବେହେରା, ଅଭି ଗୌଡ଼ ପ୍ରମୁଖ ଯୋଗଦେଇଥିଲେ।

# ଅଷ୍ଟ୍ରେଲିଆରେ ପ୍ରଶଂସା ସାଉଁଟିଲା ହୃଷୀକେଶଙ୍କ ନାଟକ

**ବ୍ରହ୍ମପୁର, ୯ ।୬(ସମିସ):** ଅଷ୍ଟ୍ରେଲିଆ ମହାଦେଶର ପ୍ରତିଷ୍ଠିତ ଓଡ଼ିଆ ଅନୁଷ୍ଠାନ "ଓରିୟୋଜ'ର ବାର୍ଷିକ ସମ୍ମିଳନୀରେ ଆୟୋଜିତ "କଳିଙ୍ଗ ଉତ୍ସବ'ରେ ଖ୍ୟାତିସମ୍ପନ୍ନ ଉପସ୍ଥାପକ ହୃଷୀକେଶ ପାଣିଗ୍ରାହୀଙ୍କ ହାସ୍ୟରସାତ୍ମକ ନାଟକ "ମୋ ଶବ ବାହକ ମାନେ' ମଞ୍ଚସ୍ଥ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଅନୁଷ୍ଠାନ ତରଫରୁ ଚଳିତ ଜୁନ୍ ଆଠ ତାରିଖରେ ଓରିୟୋଜର ସଭାପତିଙ୍କ ତରଫରୁ ପ୍ରଶଂସାପତ୍ର ମିଳିଛି। ଶବକୁ ନେଇ ରଚିତ ୨୫ମିନିଟ ଅବଧିର ହାସ୍ୟରସାତ୍ମକ ନାଟକ ବା ଡାର୍କ କମେଡି "ମୋ ଶବ ବାହକ ମାନେ' ଆଗରୁ ବ୍ରହ୍ମପୁର ଆକାଶବାଣୀ ଦ୍ୱାରା ଆୟୋଜିତ ଉତ୍ସବ -୨୦୦୩ ଏବଂ ଅନ୍ୱେଷା କଳାକେନ୍ଦ୍ର ଦ୍ୱାରା ଆୟୋଜିତ ଚଳଚ୍ଚିତ୍ର ଉତ୍ସବ ୨୦୧୯ରେ ମଞ୍ଚସ୍ଥ ହୋଇ ପ୍ରଶଂସା ପାଇଥିଲା। ତେବେ ଆନ୍ତର୍ଜାତୀୟ ସ୍ତରରେ ଶ୍ରୀ ପାଣିଗ୍ରାହୀଙ୍କ ଏହି ନୂତନ କୃତିତ୍ୱ ପୁଣି ତାଙ୍କ ପାଇଁ ପ୍ରଶଂସା ଆଣିଦେଇଛି। ପର୍ଥ ସହରରେ ଥିବା ଓଡ଼ିଆ କଳାକାରମାନେ ଏଥିରେ ସମ୍ପ୍ରତି ଅଭିନୟ କରିଥିଲେ।




ଏହି ନାଟକକୁ ଇଞ୍ଜିନିୟର ମହେଶ କୁମାର ସାହୁ ନିର୍ଦ୍ଦେଶନା ଦେଇଥିବା ବେଳେ ଅମ୍ରିତ ହୋତା, ରଞ୍ଜନ ସିଂ, ବିଘ୍ନରାଜ ମହାନ୍ତି, ଅମିତ୍ ପାଣିଗ୍ରାହୀ, କୁନ୍ମିତ ପାତ୍ର, ମହେଶ ସାହୁ, ମୁସ୍ତାକ ପାଇଲଟ, ଶାନ୍ତନୁ କୁମାର, ଜୟଶ୍ରୀ ସାହୁ, ସ୍ୱାତି ମହାନ୍ତି, ସୁଚରିତା ସିଂହ ଅଭିନୟ କରିଥିଲେ।

# ସରକାରୀ ହାଇସ୍କୁଲରୁ ହ୍ରାସ ପାଉଛନ୍ତି ମେଧାବୀ ବିଦ୍ୟାର୍ଥୀ

**ଶେରଗଡ଼, ୯ ।୬(ସମିସ):** ଚଳିତ ବର୍ଷ ଶେରଗଡ ବ୍ଲକର ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲ ମଧ୍ୟରୁ ମୋଟ ୩ ଜଣ ଛାତ୍ରୀ ଓ ଜଣେ ଛାତ୍ର 'ଏ-୧' ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବ୍ଲକର ସର୍ବପୁରାତନ ହାଇସ୍କୁଲର ଜଣେ ହେଲେ ବିଦ୍ୟାର୍ଥୀ 'ଏ-୧' ଗ୍ରେଡ଼ରେ ପାସ ନହେବାକୁ ନେଇ ବୁଦ୍ଧିଜୀବୀ, ଅଭିଭାବକ ଓ ସଚେତନ ନାଗରିକ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଯେଉଁ ଛାତ୍ରଛାତ୍ରୀମାନେ 'ଏ-୧' ଗ୍ରେଡ ପାଇଛନ୍ତି ସେମାନେ ହେଉଛନ୍ତି ଗ୍ରାମାଞ୍ଚଳର। ଉନ୍ନତ ମାନର ଶିକ୍ଷା ପାଇବାରୁ ବଞ୍ଚିତ ହୋଇ ମଧ୍ୟ ସେମାନେ ଆଜି ବ୍ଲକ ଟପ୍ପର ହୋଇ ବ୍ଲକର ନାମକୁ ଆଗକୁ ନେଇଛନ୍ତି। ତଥାପି ଶେରଗଡ ସହର ହେଉଛି ଶିକ୍ଷାର ହବ୍। ଏଠାକୁ ରାତି ପାହିଲେ ବିଭିନ୍ନ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ ଶିକ୍ଷା ଲାଭ କରିବା ଲାଗି ଆସୁନାହାନ୍ତି ତ କିଏ ଘର ଭଡ଼ା ନେଇ ରହି ଶିକ୍ଷା ଲାଭ କରିଥାନ୍ତି। ତଥାପି ଏଠାକାର ଅଭିଭାବକ ମାନେ ସଚେତନ ହେବା ସହ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଥାଇ ମଧ୍ୟ ଏଠାକାର ସର୍ବପୁରାତନ ବିଦ୍ୟାଳୟରୁ ଜଣେ ବି 'ଏ-୧' ଗ୍ରେଡରେ ନଆସିବା ପରିତାପର ବିଷୟ। କେଉଁ କାରଣରୁ ମେଧାବୀ ବିଦ୍ୟାର୍ଥୀଙ୍କ ସଫଳତା ସଂଖ୍ୟା ହ୍ରାସ ପାଉଛି ତାହାର ସମୀକ୍ଷା କରିବା ସହିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟଧାରା ଉପରେ ନଜର ରଖିବା ଲାଗି ଦୃଢ ମତ ରଖିଛନ୍ତି ବୁଦ୍ଧିଜୀବୀ।

୧୯୪୮ରେ ଶେରଗଡ ସହର ମଧ୍ୟରେ ଗଢିଉଠିଥିବା ସର୍ବପୁରାତନ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଗ୍ରେଡ ପ୍ରଣାଳୀ ଲାଗୁ ହେବା ଠାରୁ ଆଜି ପର୍ଯ୍ୟନ୍ତ ଜଣେ ମାତ୍ର ଛାତ୍ରୀଙ୍କୁ ଛାଡିଦେଲେ ଆଉ କେହି 'ଏ-୧' ଗ୍ରେଡରେ କୃତକାର୍ଯ୍ୟ ହୋଇପାରିନାହାନ୍ତି।

୨୩ଟି ହାଇସ୍କୁଲରୁ ଜଣେ ବି ବିଦ୍ୟାର୍ଥୀ ଚଳିତ ମାଟ୍ରିକ ପରୀକ୍ଷାରେ 'ଏ-୧' ଗ୍ରେଡରେ ପାସ ନହେବାର ମୁଖ୍ୟକାରଣ କଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏନେଇ ଗୋଷ୍ଠୀ ଶିକ୍ଷାଧିକାରୀ କହିଛନ୍ତି ଯେ, ମୁଁ ଆଜକୁ ପ୍ରାୟ ମାସେ ହେବ ଏଠାରେ ବ୍ଲକ ଶିକ୍ଷାଧିକାରୀ ଭାବେ କାର୍ଯ୍ୟରତ। ତଥାପି ଏହି ଘଟଣାକୁ ଅତ୍ୟନ୍ତ ଗମ୍ଭୀରତାର ସହ ବିଚାରକୁ ନେଇ ତର୍ଜମା କରାଯିବା ସହ ପଦକ୍ଷେପ ନିଆଯିବ। ଆଗାମୀ ବର୍ଷକୁ ଯେଭଳି ଅଧିକ ବିଦ୍ୟାର୍ଥୀ 'ଏ-୧' ଗ୍ରେଡ୍‌ରେ କୃତକାର୍ଯ୍ୟ ହେବେ ଏବଂ ଅଧିକରୁ ଅଧିକାଂଶ ବିଦ୍ୟାର୍ଥୀ ଭଲ ନମ୍ବର ରଖି କୃତକାର୍ଯ୍ୟ ହେବେ ସେନେଇ ବର୍ତ୍ତମାନ ଠାରୁ ଖସଡ଼ା ପ୍ରସ୍ତୁତ କରାଯିବ।

## ବନସେବା ସଂଘର ଦାବିପତ୍ର

# ୧୫ରୁ କଳାବ୍ୟାଜ୍ ପରିଧାନ, ୨୨ରୁ ସମୂହ ଛୁଟି

ଛତ୍ରପୁର, ୯ ।୬(ସମିସ)




ଓଡିଶା ଅଣଗେଜେଟେଡ୍ ବନ ସେବା ସଂଘ ବ୍ରହ୍ମପୁର ଜୋନ ପକ୍ଷରୁ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରାରମ୍ଭରେ ବନବିଭାଗର କ୍ଷେତ୍ର କର୍ମଚାରୀମାନେ ଏକ ବିରାଟ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଗଞ୍ଜାମ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗତ ମେ' ମାସ ୨୪ ତାରିଖ ଦିନ ଢେଙ୍କାନାଳ ଡିଭିଜନ ହିନ୍ଦୋଳ ରେଞ୍ଜ ବନରକ୍ଷୀ ପ୍ରହ୍ଲାଦ ପ୍ରଧାନଙ୍କୁ ନିର୍ମମ ହତ୍ୟା ଘଟଣାରେ ଦୋଷୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଅନୁକମ୍ପା ସହାୟତା ଏବଂ ତାଙ୍କ ନାବାଳିକା ଝିଅର ପାଠପଢା ସହ ଥଇଥାନ ଏବଂ ଚାକିରି ସହ ସମସ୍ତ ସୁବିଧା ପାଇଁ ଦାବି କରାଯାଇଛି। ସେହିପରି ବନ ବିଭାଗର ଅବ୍ୟବସ୍ଥା ପ୍ରତିକାର ଲାଗି ଏକ "ଫରେଷ୍ଟ କମିଶନ' ଗଠନ କରିବା, ସମସ୍ତ ଉଇଙ୍ଗକୁ ଇଣ୍ଟିଗ୍ରେଟ କରି ଜିଲ୍ଲା ବା ସର୍କଲ ସ୍ତରରେ ଗୋଟିଏ ଛତା ତଳେ ପରିଚାଳନା କରାଯିବା, ଭୌଗଳିକ ଅଞ୍ଚଳ ଓ ଜଙ୍ଗଲ ଘନତା ଅନୁସାରେ ରେଞ୍ଜ/ସର୍କଲ/ବିଟ୍‌ର ପୁନଃର୍ଗଠନ କରାଯିବା, ବନ୍ୟପ୍ରାଣୀ ଓ ଟେରିଟୋରିଆଲ ଡିଭିଜନ ମାନଙ୍କରେ ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ ଏବଂ ରାପିଡ୍ ରେସପଣ୍ଡ ଟିମ୍ ପାଇଁ ସ୍ୱତନ୍ତ୍ର କର୍ମଚାରୀ ନିୟୋଜନ ସହ ନୂତନ କ୍ୟାଡର ପୋଷ୍ଟ ସୃଷ୍ଟି କରାଯିବା, ବନ ବିଭାଗର ଦକ୍ଷତା ବୃଦ୍ଧି ସମ୍ବନ୍ଧେ କମିସନ ୨ ମାସ ମଧ୍ୟରେ କିପରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ ତାର ନିଷ୍ପତ୍ତିନାମା ଜାରି କରାଯିବା, ମାଓବାଦୀ, ସ୍କୁଲ ଓ ଜଙ୍ଗଲ ମାଫିଆଙ୍କ ଦୌରାତ୍ମ୍ୟରେ ଘଞ୍ଚ ଜଙ୍ଗଲରେ ବିପଦପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରୁଥିବା ବନ କର୍ମଚାରୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ପୁଲିସ୍ ବିଭାଗ ଭଳି ସାଲାରି ଆକାଉଣ୍ଟ ଇନସୁରାନ୍ସ ପ୍ୟାକେଜକୁ ଯେ କୌଣସି ଜାତୀୟ ବ୍ୟାଙ୍କ ଜରିଆରେ ପ୍ରଦାନ କରିବା ପାଇଁ ସେମାନେ ପୂର୍ବରୁ ଦାବି କରିଥିଲେ ମଧ୍ୟ ସେମାନଙ୍କ ଦାବି ଏଯାବତ ପୂରଣ ହୋଇପାରିନାହିଁ। ଏଣୁ ପୁଣି ଆଜି ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଗୁଡିକ ପୂରଣ ନ ହେଲେ ବନସେବା ସଂଘର ନିଷ୍ପତି କ୍ରମେ ଆସନ୍ତା ୧୫ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ସର୍କଲର ସମସ୍ତ ସଭ୍ୟ /ସଭ୍ୟା ମାନେ କଳାବ୍ୟାଜ ପିନ୍ଧି ପ୍ରତିବାଦ କରିବେ, ବିପଦପୂର୍ଣ୍ଣ କାର୍ଯ୍ୟକୁ ୭ ଦିନ ମଧ୍ୟରେ କରିବେ ନାହିଁ ଏବଂ ୨୨ ତାରିଖ ଠାରୁ ଦାବି ପୂରଣ ହେବା ପର୍ଯ୍ୟନ୍ତ ସାମୂହିକ ଛୁଟିରେ ରହି ବ୍ରହ୍ମପୁର ଫରେଷ୍ଟ ସର୍କଲ ଅଫିସ୍ ସାମ୍ନାରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିବେ ବୋଲି କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ବ୍ରହ୍ମପୁର ଜୋନ ସଭାପତି ଅନୁପ କୁମାର ବିଷୋୟୀ, ସମ୍ପାଦକ ଅମରେଶ କୁମାର ଦାଶ, କୋଷାଧକ୍ଷ ଗିରିଶ ଚନ୍ଦ୍ର ରାୟ, ବ୍ରହ୍ମପୁର ଡିଭିଜନର ମନୋଜ ସେଠୀ, ବାବୁ ସେଠୀ, ଶିବ ପ୍ରସାଦ ଚୌଧୁରୀ, ବୌଦ୍ଧ ଡିଭିଜନର ଲାଲ କ୍ରିଷ୍ଣା ସାହୁ ଓ ପ୍ରକାଶ ଚନ୍ଦ୍ର ସେଠୀଙ୍କ ସମେତ ବନସେବା ସଂଘର ବହୁ ସଭ୍ୟ ମାନେ ଉପସ୍ଥିତ ଥିଲେ।

# ବିକଶିତ କୃଷି ସଂକଳ୍ପ ଅଭିଯାନ

**ଧରାକୋଟ, ୯ ।୬(ସମିସ):** ଧରାକୋଟ ବ୍ଲକର ଜଗମୋହନ ପଞ୍ଚାୟତର ମୁକ୍ତେଶ୍ୱର ପୀଠରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ କଲ୍ୟାଣ ଯୋଜନା ସମ୍ପର୍କରେ ଉପସ୍ଥିତ ଚାଷୀ ମାନଙ୍କୁ ସଚେତନ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ବେହେରା ସଭାପତିତ୍ୱ କରିଥିଲାବେଳେ ଆଇଆଇଡବ୍ଲୁଏମର ବୈଜ୍ଞାନିକ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ଗୃହ ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ, ସହକାରୀ କୃଷି ଅଧିକାରୀ ଅନିଲ କୁମାର ବେହେରା, ସହକାରୀ ମତ୍ସ୍ୟ ଅଧିକାରୀ ଶିବାନୀ ମହାନ୍ତି, ମୃତ୍ତିକା ସଂରକ୍ଷଣ ଅଧିକାରୀ ପ୍ରଦୀପ ସେଠୀ, ସରପଞ୍ଚ ପ୍ରତିନିଧି ପ୍ରମୋଦ କୁମାର ମହାରଣା ପ୍ରମୁଖ ଉପସ୍ଥିତ ରହିଥିଲେ। ଉପସ୍ଥିତ ଅଧିକାରୀମାନେ କାର୍ଯ୍ୟକ୍ରମରେ ଭାଗ ନେଇଥିବା ପ୍ରାୟ ୨୫୦ ଜଣ ଚାଷୀ ଭାଇ ଭଉଣୀମାନଙ୍କୁ ନୂତନ ବିହନର କିସମ ସମ୍ପର୍କରେ ସଚେତନତା ସହ କୃଷି ସମସ୍ୟାର ସମାଧାନ, ଚାଷୀ ପଞ୍ଜିକରଣ, ଭୂମି ପରୀକ୍ଷଣ, ଜୈବିକ ପଦ୍ଧତିର ଉପଯୋଗ କରି ଚାଷ କରିବା ଉପରେ ଆଲୋକପାତ କରିଥିଲେ।

